ICSE ACADEMY
www.spellbeeacademy.com

SpellIndia
INDIA's No. 1
SPELLING BEE
Preparatory Study Material Provider
www.phonicsestore.com

Pati's

# Past Year Papers

# PREPARE

for

# ICSE

Class 10

# Odia

2023 - 2026

Pati's

ICSE ACADEMY:
How to Prepare for ICSE
Class 10 exams

https://www.spellbeeacademy.com/icse.html

How to Prepare for ICSE Class 10 exams : Free Resources

Please click on subject to proceed further.


We will keep adding resources here till "March 2026".


So, save this link, keep visiting and stay updated.


( Resources include : Syllabus, Past Year Papers, Specimen Papers, Competency based Questions, Books pdf downloadable, 350+ Term Papers / Prelim Papers of various schools - across subjects, etc. )


01 English Literature
02 English Language
03 Geography
04 History & Civics
05 Physics
06 Chemistry
07 Mathematics
08 Biology
09 Computer Applications
10 Physical Education
11 Hindi
12 Commercial Studies
13 Economics
14 Technical Drawing
15 Environmental Science
16 Home Science
17 Gujarati
18 Marathi
19 French

**SCAN QR code to buy the book at amazon NOW.**



**Scan QR code** for Free Access to
500+ Prelim Papers across 20 subjects





























ICSE ACADEMY

# Prepare for ICSE CLASS 10
# Odia
# Free Resources

## SCAN QR CODE Now

Pati's

ICSE ACADEMY

# Past Year Papers

- 2026
- 2025
- 2024
- 2023

Note : There was no board exam in 2021 and 2022 due to COVID.

# 2026

2026 paper will be shared here in June 2026

ICSE ACADEMY

Pati's ICSE ACADEMY

**2025**

# ODIA

## (Second Language)

***Maximum Marks : 80***

***Time Allowed : Three Hours***

1. *Answers to this Paper must be written on the paper provided separately.*
2. *You will **not** be allowed to write during the first **15** minutes.*
3. *This time is to be spent in reading the question paper.*
4. ***The time given at the head of this Paper is the time allowed for writing the answers.***

5. *This paper comprises two Sections; **Section A** and **Section B.***
6. *Attempt **all** the questions from **Section A**.*
7. *Attempt **four** questions from **Section B**, answering at least **one** question each from the **two** books you have studied and **any two** other questions from the same books that you have compulsorily chosen.*
8. *The intended marks for questions or parts of questions are given in brackets [ ].*

***Instruction for the Supervising Examiner***

*Kindly read aloud the instructions given above to all the candidates present in the Examination Hall.*

**This Paper consists of 12 printed pages.**


*© Copyright reserved.*

Pati's ICSE ACADEMY

Pati's ICSE ACADEMY

## SECTION—A (40 Marks)

*Attempt **all** questions from this Section.*

**Question 1**

Write a short composition in **Odia** of approximately **250** words on any **one** of the following topics :— [15]

ନିମ୍ନଲିଖିତ ବିଷୟମାନଙ୍କ ମଧ୍ୟରୁ ଯେ କୌଣସି **ଗୋଟିଏ** ବିଷୟରେ ପ୍ରାୟ **୨୫୦** ଶବ୍ଦ ମଧ୍ୟରେ ରଚନାଟିଏ ଲେଖ :—

(i) ଗୋଟିଏ କୃତିତ୍ୱଭରା କାମ ଯାହା ତୁମକୁ ଆନନ୍ଦପ୍ରଦାନ କରିଅଛି ।

(ii) ଗ୍ରାମ୍ୟ ଜୀବନର ମଧୁରତା ସହର ଜୀବନର ଚାକଚକ୍ୟ ରେ ହଜି ଯାଇଛି : ନିଜ ମତାମତ ଦିଅ ।

(iii) ଛାତ୍ର ଜୀବନରେ ଅନୁଶାସନର ଭୂମିକା ।

(iv) **"ମନ ଥିଲେ ଉପାୟ ବଳେ ବଳେ ଆସେ"** – ଉକ୍ତ ପ୍ରବାଦକୁ ଆଧାର କରି ନିଜସ୍ୱ ଗଳ୍ପଟିଏ ରଚନା କର ।

(v) ସଂଲଗ୍ନ ଛବିଟିକୁ ଦେଖି ଏହାର ବର୍ଣ୍ଣନା ଦିଅ ଏବଂ ଏହା ତୁମକୁ ଯାହା ସୂଚାଇ ଦେଉଛି ତାହା ଉଲ୍ଲେଖ କର ।





Pati's ICSE ACADEMY

**Question 2**

Write a letter in **Odia** of approximately **120** words on any **one** of the topics given below :— [7]

ନିମ୍ନଲିଖିତ ବିଷୟମାନଙ୍କ ମଧ୍ୟରୁ ଯେ କୌଣସି **ଗୋଟିଏ** ବିଷୟରେ ପ୍ରାୟ **୧୨୦**ଟି ଶବ୍ଦ ମଧ୍ୟରେ ପତ୍ରଟିଏ ଲେଖ :—

(i) ତୁମେ ବୋର୍ଡ ପରୀକ୍ଷା ପାଇଁ କିପରି ପ୍ରସ୍ତୁତ ହୋଇଛ ତା'ର ସବିସ୍ତୃତ ବର୍ଣ୍ଣନା କରି ମାମୁଙ୍କ ନିକଟକୁ ପତ୍ରଟିଏ ଲେଖ ।

(ii) ତୁମ ଅଞ୍ଚଳରେ ଘନଘନ ଚୋରି ହେଉଥିବାରୁ ଏହାର ନିରାକରଣ ପାଇଁ ଦାବି କରି ଥାନା ଅଧିକାରୀଙ୍କ ନିକଟକୁ ପତ୍ରଟିଏ ଲେଖ ।

**Question 3**

Read the passage given below and answer in **Odia** the questions that follow, using your own words as far as possible :—

ନିମ୍ନରେ ଦିଆଯାଇଥିବା ଅନୁଚ୍ଛେଦଟିକୁ ପଢ଼ ଓ ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର **ଓଡ଼ିଆ** ରେ ଲେଖ । ଉତ୍ତରଗୁଡ଼ିକ ଯଥାସମ୍ଭବ ନିଜ ଶବ୍ଦରେ ହେବା ଉଚିତ :—

## ଓଡ଼ିଶାର ଆଦିବାସୀ

ଭାରତର ପୂର୍ବ ଉପକୂଳରେ ଓଡ଼ିଶା ଏକ ପୁରୁଣା ରାଜ୍ୟ । ଇତିହାସରେ ଏହା କଳିଙ୍ଗ, ଉତ୍କଳ, ନାମରେ ପରିଚିତ ଥିଲା । ଏହି ରାଜ୍ୟଟିର ପୂର୍ବରେ ବଙ୍ଗୋପସାଗର, ପଶ୍ଚିମରେ ଛତିଶଗଡ଼, ଦକ୍ଷିଣରେ ଆନ୍ଧ୍ର, ଉତ୍ତରରେ ଝାଡ଼ଖଣ୍ଡ ଓ ଉତ୍ତର ପୂର୍ବରେ ପଶ୍ଚିମ ବଙ୍ଗଳା ମଧ୍ୟରେ ଅବସ୍ଥିତ । ଉପକୂଳ ଅଞ୍ଚଳର କେତୋଟି ଜିଲ୍ଲାକୁ ଛାଡ଼ିଦେଲେ ବହୁ ଜିଲ୍ଲାକୁ ଆଦିବାସୀ ଜିଲ୍ଲା କହିଲେ ଚଳିବ । ଆଦିବାସୀମାନଙ୍କୁ ଲୋକେ ଅନୁସୂଚିତ ଜାତି, ଜନଜାତି, ଗିରିଜନ, ବନବାସୀ ବୋଲି ମଧ୍ୟ କୁହନ୍ତି ।

ଆମ ରାଜ୍ୟରେ ସେମାନେ ପ୍ରଥମ ଅଧିବାସୀ । ସେମାନେ ହିଁ ଏ ରାଜ୍ୟକୁ ପ୍ରାଚୀନ ଓ ନୂତନ ପ୍ରସ୍ତର ଯୁଗର ସଭ୍ୟତା ଦେଇଛନ୍ତି । ଏହି ଆଦିବାସୀମାନେ ହିଁ ପ୍ରଥମେ କୋରାପୁଟ୍‌ରେ ଧାନଚାଷ କରି ପୃଥିବୀ ଇତିହାସରେ "ଧାନ" ନାମକ ଜୀବନରକ୍ଷାକାରୀ ଶସ୍ୟ ପ୍ରଚଳନ କରିଛନ୍ତି । ସେମାନେ ହିଁ ବିଭିନ୍ନ ଗୁମ୍ଫାରେ ପ୍ରାଚୀନ ଯୁଗର ଲେଖା ଓ ଛବି ଆଙ୍କିଛନ୍ତି । ସେମାନେ ପ୍ରଥମେ ଦାରୁଦେବତା ଶ୍ରୀ ଜଗନ୍ନାଥଙ୍କୁ ପୂଜା କରୁଥିଲେ । ଉତ୍ରମାନଙ୍କ ସଙ୍ଗେ ମିଶି ବିଶାଳ ସଭ୍ୟତା ଗଢ଼ିଥିଲେ ।

ଆଦିବାସୀମାନେ ବଣ ଉପରେ ନିର୍ଭର କରନ୍ତି । ବଣର ଫଳମୂଳ ସଂଗ୍ରହ କରନ୍ତି । କେନ୍ଦୁ, ମହୁଲଫୁଲ, ଚାର, ଟସର, କୋଷା, ଆମ୍ବ ମହୁ ସଂଗ୍ରହ କରନ୍ତି । ନିଜେ ଖାଆନ୍ତି ଓ ଅନ୍ୟମାନଙ୍କୁ ବିକି ବ୍ୟବସାୟ କରନ୍ତି । ପାହାଡ଼ ତଳେ, ପାଣି ପାଖରେ ସେମାନେ ଧାଡ଼ି ଧାଡ଼ି ନୁଆଁଣିଆ ଘର କରି ରୁହନ୍ତି । ଘରଗୁଡ଼ିକ ମାଟିକାନ୍ଥ, ଝାଟିମାଟି ନଡ଼ା ଛପର ଛାତ । ସେଇ ଛୋଟ ଘରଗୁଡ଼ିକରେ ଏକାଠି ମଣିଷ, ଗୋରୁ, କୁକୁଡ଼ା ଓ କୁକୁର ଇତ୍ୟାଦି ରହନ୍ତି ।



Pati's ICSE ACADEMY

ଭଲ ପିନ୍ଧିବା, ଭଲ ଖାଇବା, ଭଲରେ ଚଳିବା କହିଲେ ସାଧାରଣରେ ଯାହା ବୁଝାଯାଏ ସେଥିରୁ ମଧ୍ୟ ସେମାନେ ବହୁ ଦୂରରେ ଥାଆନ୍ତି । ଏମାନେ ଖୁବ୍ ସରଳ ଓ ଶାନ୍ତିପ୍ରିୟ । ଜୀବନର ଜଟିଳତା ଜାଣନ୍ତି ନାହିଁ । ଜୀବନକୁ ମନଭରି ଉପଭୋଗ କରନ୍ତି । ସେମାନେ ଖୁବ୍ ନାଚ ଓ ଗୀତ ପ୍ରିୟ । ଏମାନେ ମୁଖ୍ୟତଃ ପ୍ରକୃତିପୂଜକ । ଏମାନେ ଧରଣୀ ପେନୁ ବା ପୃଥିବୀ ଦେବୀର ପୂଜା କରନ୍ତି ।

(i) ଓଡ଼ିଶାର ଅବସ୍ଥାନ କେଉଁଠି ? [2]

(ii) କେଉଁମାନେ ଆମ ରାଜ୍ୟର ପ୍ରଥମ ଅଧିବାସୀ ? ସେମାନେ କେଉଁ କେଉଁ ନାମରେ ପରିଚିତ ? [2]

(iii) ଆଦିବାସୀ ପୃଥିବୀ ବାସୀଙ୍କୁ କ'ଣ ପ୍ରଦାନ କରିଛନ୍ତି ? [2]

(iv) ସେମାନେ କେଉଁଠି ରୁହନ୍ତି ଓ କି ବ୍ୟବସାୟ କରି ଚଳନ୍ତି ? [2]

(v) ସେମାନଙ୍କ ଚାଲିଚଳଣ ଉପରେ ସମ୍ୟକ ଧାରଣା ଦିଅ । [2]

**Question 4**

Answer the following questions according to the instructions given below :— [8]

ନିର୍ଦ୍ଦେଶ ଅନୁସାରେ ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ସଠିକ ଉତ୍ତର ବାଛି କରି ଲେଖ :—

(i) ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ – 'ରାସଭ'

(a) ଗାଇ, ଗାଭୀ

(b) କୁକୁର, କଣ୍ଠାରବ

(c) ଗଧ, ଗର୍ଦ୍ଦଭ

(d) ହାତୀ ଘୁଷୁରି

(ii) ବିପରୀତାର୍ଥବୋଧକ ଶବ୍ଦ ଲେଖ । 'ଅପେକ୍ଷା'

(a) ତିତିକ୍ଷା

(b) ପ୍ରତୀକ୍ଷା

(c) ଉପେକ୍ଷା

(d) ସମୀକ୍ଷା

(iii) ଅର୍ଥ ଲେଖ – "ଗୁଣ ଚିହ୍ନେ ଗୁଣିଆ, ସୁନା ଚିହ୍ନେ ବଣିଆ"

(a) ଗୁଣୀ ଗୁଣର ଆଦର କରେ ।

(b) ଗୁଣିଆ ଯିଏ ବଣିଆ ସିଏ ।

(c) ଗୁଣ ଓ ସୁନା ଉଭୟେ ମୂଲ୍ୟବାନ ।

(d) ବଣିଆ ଯୋଗୁଁ ଗୁଣର ମହତ୍ତ୍ୱ ଅଧିକ ।


ICSE ACADEMY

(iv) ଏକପଦରେ ପ୍ରକାଶ କର – 'ଚକ୍ଷୁରେ ଶୁଣେ ଯେ'

(a) ଚକ୍ଷୁଶୁଣା

(b) ଚକ୍ଷୁଶ୍ରବା

(c) ଚକ୍ଷୁସ୍ରବା

(d) ଚକ୍ଷୁଷ୍ରବା

(v) ଭ୍ରମ ସଂଶୋଧନ କର – 'ଶିକ୍ଷୟତ୍ରୀ'

(a) ଶିକ୍ଷୟତ୍ତ୍ରି

(b) ଷିଖଇତ୍ରି

(c) ଶିଖେୟିତ୍ରୀ

(d) ଶିକ୍ଷୟିତ୍ରୀ

(vi) ଅର୍ଥଗତ ପାର୍ଥକ୍ୟ ଦର୍ଶାଅ – 'କୃପାଣ – କୃପଣ'

(a) ଖର୍ଚ୍ଚ – ସଞ୍ଚୟ

(b) ବାଦାନ୍ୟ – କରଜ

(c) ଖଣ୍ଡା – କଞ୍ଜୁସ

(d) ସମୟ – ଖ୍ୟାତି

(vii) ନିମ୍ନରେ ଦିଆଯାଇଥିବା ଶବ୍ଦର ଦୁଇଟି ଭିନ୍ନ ଅର୍ଥ ଲେଖ – "ରାଗ"

(a) କ୍ରୋଧ – ସ୍ୱାଦ ବିଶେଷ

(b) ରାଗଣା – ରାଗିଯିବା

(c) କ୍ରୋଧିତ ହେବା – ସର୍ବନାଶ କରିବା

(d) ଗାଳି ଦେବା – କ୍ରୋଧ ପ୍ରକାଶ କରିବା

(viii) ଶୁଦ୍ଧ ବାକ୍ୟଟିକୁ ବାଛ –

(a) ମଉଳି ଯିବ କାଲି ଫୁଲଗୁଡ଼ିକ ସକାଳେ ଫୁଟିଥିବା ଗଛରେ ।

(b) ଫୁଟିଥିବା ଫୁଲଗୁଡ଼ିକ ମଉଳି ଯିବ କାଲି ସକାଳେ ଗଛରେ ।

(c) ସକାଳେ ଗଛରେ ଫୁଟିଥିବା ଫୁଲଗୁଡ଼ିକ କାଲି ମଉଳି ଯିବ ।

(d) ଗଛରେ ଫୁଟିଥିବା ଫୁଲଗୁଡ଼ିକ କାଲି ସକାଳେ ମଉଳି ଯିବ ।



Pati's ICSE ACADEMY

Pati's
ICSE ACADEMY

**SECTION—B (40 Marks)**

*Questions from only **two** of the following textbooks are to be answered.*

*Attempt any **four** questions from this Section.*

*You must answer at least **one** question from each of the **two** books, you have studied and any **two** other questions from the same books that you have chosen.*

## ଜ୍ଞାନାଞ୍ଜଳି - କ୍ଷୁଦ୍ରଗଳ୍ପ ବିଭାଗ

## GYANANJALI - SHORT STORIES

**Question 5**

Read the extract given below and answer in **Odia** the questions that follow :—

ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର **ଓଡ଼ିଆ** ରେ ଲେଖ :—

"ମାଗୁଣି ଟଙ୍କା ଝଣଝଣ ଶବ୍ଦ ଶୁଣିପାରିଲା । ତା'ପରେ ସେ ଦେଖିଲା, ଛାଇ ଦୁଇଟି ବିପରୀତ ଦିଗରେ ଅନ୍ତର୍ହିତ ହୋଇଗଲେ । ମାଗୁଣି ଖାଁ ଦଣ୍ଡେ ଥକ୍କା ହୋଇ ଛିଡ଼ା ହୋଇଗଲା ।"

**ଆଙ୍ଗୁଠି - ସଚ୍ଚିଦାନନ୍ଦ ରାଉତରାୟ**

**Aanguthi - Sachidananda Routray**

(i) କେଉଁ ସ୍ଥାନରେ ମାଗୁଣି ଖାଁ ଥିବାବେଳେ ଏ ଘଟଣା ଘଟିଥିଲା ? ସେ କେଉଁଆଡ଼େ, କାହିଁକି ଯାଉଥିଲା ? [2]

(ii) ମାଗୁଣି ଖାଁ ଛାଇ ଦୁଇଟିକୁ ଦେଖି କ'ଣ ଭାବିଲା ? ଛାଇ ଦୁଇଟି କେଉଁ ଜିନିଷ କିଣାବିକା କେତେ ଦାମ୍‌ରେ କରୁଥିଲେ ? [2]

(iii) କେତେ ଟଙ୍କା ଝଣଝଣ ଶବ୍ଦ କରି ଗଣି ଆଗତୁରା ଦିଆଗଲା ? ଏହି ଶବ୍ଦ ଶୁଣି ମାଗୁଣି କ'ଣ ଭାବିଲା ? ମାଗୁଣି ଖାଁ ନିଜକୁ ନିରାପଦ ରଖିବା ପାଇଁ କ'ଣ କଲା ? [3]

(iv) ପ୍ରଥମ ଛାଇର କଣ୍ଠ ସ୍ୱର କାହାର ଥିଲା ? ସେହି ସ୍ୱର ଶୁଣି କେଉଁ ଘଟଣା ତା'ର ମନେପଡ଼ିଲା ? ମାଗୁଣି ଘରକୁ ଲେଉଟି ଆସିଲା କାହିଁକି ? [3]

**Question 6**

Read the extract given below and answer in **Odia** the questions that follow:—

ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଓଡ଼ିଆରେ ଲେଖ :—

ଅସ୍ଥିର ଭାବେ ଘରସାରା ବୁଲୁଥିଲେ ସ୍ୱର୍ଣ୍ଣପ୍ରଭା । କ'ଣ କରିବେ ସେ ? ଏପରି ପରିସ୍ଥିତିରେ କ'ଣ ତାଙ୍କର କର୍ତ୍ତବ୍ୟ, ରୁଚି କେବେ ବି ଅନ୍ୱେଷକୁ ଆପଣେଇବନି ।

**ମୁଖାଗ୍ନି - ଶ୍ରୀମତୀ ଲକ୍ଷ୍ମୀ ଚାନ୍ଦ**

**Mukhagni - Laxmi Chand**

(i) ସ୍ୱର୍ଣ୍ଣପ୍ରଭା କିଏ ? କେଉଁ ଖବର ତାଙ୍କୁ ବିବ୍ରତ କରି ପକାଇଥିଲା ? [2]

(ii) ସେ ନିଜର କର୍ତ୍ତବ୍ୟ ସ୍ଥିର କରି ପାରୁ ନଥିଲେ କାହିଁକି ? [2]

(iii) ଅନ୍ୱେଷ କିଏ ? ତାକୁ ରୁଚି ଆପଣେଇବ ନାହିଁ ବୋଲି କିଏ କାହିଁକି ଭାବୁଥିଲେ ? [3]

(iv) ଗଳ୍ପଟିର ନାମକରଣର ପରିଚ୍ଛୟ ଦିଅ । [3]



Pati's
ICSE ACADEMY

**Question 7**

Read the extract given below and answer in **Odia** the questions that follow :—

ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର ଓଡ଼ିଆରେ ଲେଖ :—

"ଫଳରସ ଖାଇ ଅନଶନ ଭଙ୍ଗ କରିବାର ଲକ୍ଷ୍ୟ ସ୍ଥିର କରି ଯେଉଁମାନେ ଆମରଣ ଅନଶନ ଆରମ୍ଭ କରନ୍ତି ସେମାନଙ୍କ ପ୍ରତି ନାରଣ ଦାସଙ୍କ ଅକୁଣ୍ଠ ଘୃଣା । ସନାତନର କଥା ଶୁଣି ତାଙ୍କ ମୁହଁରେ ସେଇ ଘୃଣାର ବ୍ୟଞ୍ଜନା ଫୁଟି ଉଠିଲା ।"

**ସମାନ୍ତର ସରଳ ରେଖା - ବିଭୂତି ପଟ୍ଟନାୟକ**

**Samantara Saralarekha - Bibhuti Pattanaik**

(i) ସନାତନ କିଏ ? ତାକୁ କିଭଳି ମଣିଷଟିଏ କରି ଗଢ଼ିବା ପାଇଁ ନାରଣ ବାବୁ କ'ଣ କରିଥିଲେ ? [2]

(ii) କେଉଁମାନଙ୍କ ପ୍ରତି ନାରଣ ଦାସଙ୍କ ମନରେ ଅକୁଣ୍ଠ ଘୃଣା ଭାବ ଥିଲା ? [2]

(iii) ସନାତନ ମନ୍ତ୍ରୀଙ୍କୁ କ'ଣ କହିବା ପାଇଁ ନାରଣ ଦାସଙ୍କୁ ଅନୁରୋଧ କରିଥିଲା ? [3]

(iv) ସନାତନର କଥା ଶୁଣି ନାରଣ ଦାସଙ୍କର କିଭଳି ପ୍ରତିକ୍ରିୟା ହେଲା ? [3]

## ଜ୍ଞାନାଞ୍ଜଳି - କବିତା ବିଭାଗ

## GYANANJALI — POEMS

**Question 8**

Read the extract given below and answer in **Odia** the questions that follow :—

ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର **ଓଡ଼ିଆ**ରେ ଲେଖ :—

"ବଦରିକା ବନେ ନିତ୍ୟ ନିବାସ
କରି ଆଚ୍ଚରି ବ୍ରତ ଉପବାସ,
ପ୍ରଯତ୍ନ କଲେ ହେଁ ନାନା ପ୍ରକାର
ଖଦ୍ୟୋତ ହୋଇବ କି ପ୍ରଭାକର ।"

**ଜଗତେ କେବଳ - କବିସୂର୍ଯ୍ୟ ବଳଦେବ ରଥ**

**Jagate Kebala - Kabisurya Baladev Rath**

(i) 'ଖଦ୍ୟୋତ' କହିଲେ କ'ଣ ବୁଝ ? ତା ପାଖରେ କେଉଁ ବିଶେଷ ଗୁଣ ଦେଖାଯାଏ ? [2]

(ii) ସେ ସୂର୍ଯ୍ୟପରି ହେବାପାଇଁ କ'ଣ ସବୁ କାମ କରିବ ବୋଲି କୁହାଯାଇଛି ? [2]

(iii) ଏତେ ଚେଷ୍ଟା କରି ମଧ୍ୟ ଖଦ୍ୟୋତଟି କାହିଁକି ସୂର୍ଯ୍ୟ ହୋଇପାରିବ ନାହିଁ ? [3]

(iv) ଏହି ପଦ୍ୟାଂଶରୁ ତୁମେ କେଉଁ ଶିକ୍ଷା ପାଇଲ ? [3]



Pati's ICSE ACADEMY

Pati's ICSE ACADEMY

**Question 9**

Read the extract given below and answer in **Odia** the questions that follow :—
ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର **ଓଡ଼ିଆ** ରେ ଲେଖ :—

"ଏଥର ତ ଗଲ ଆଉଥରେ ଯେବେ
'ପ୍ରୋଗ୍ରାମ' ପଡ଼େ କେବେ
'ମେମୋରାଣ୍ଡମ' ଦେଉଛି ଆଗରୁ
ଭୁଲିବ ନାହିଁଟି ଲବେ ।।"

**ଗରିବର ଦୁର୍ଗାସ୍ତବ – ଗୋଦାବରୀଶ ମହାପାତ୍ର**

**Garibara Durgastaba - Godabarish Mohapatra**

(i) କବିତାରେ ଜଗତ ଜନନୀ ବୋଲି କବି କାହାକୁ ସମ୍ବୋଧନ କରିଛନ୍ତି ? ସେ କେଉଁଠାରୁ କେଉଁଠିକୁ ଆସିଥିଲେ ? [2]

(ii) ଜନନୀଙ୍କୁ କାହା ସହିତ କିପରି ତୁଳନା କରାଯାଇଛି ଲେଖ । ଏପରି ତୁଳନାର କାରଣ କ'ଣ ? [2]

(iii) 'ମେମୋରାଣ୍ଡମ' କହିଲେ କ'ଣ ବୁଝ ? କିଏ କାହାକୁ କାହିଁକି ମେମୋରାଣ୍ଡମ ଦେଇଥିଲେ ? [3]

(iv) ଜନନୀ କେଉଁ ସ୍ଥାନକୁ କାହିଁକି ଯାଇ ନଥିଲେ ? ଆଉ ଥରେ ପ୍ରୋଗ୍ରାମ ପଡ଼ିଲେ ସେ କେଉଁଠାକୁ କାହିଁକି ଯିବା ଉଚିତ ବୋଲି କବି ଜଣାଇଛନ୍ତି ? [3]

**Question 10**

Read the extract given below and answer in **Odia** the questions that follow :—
ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର ଓଡ଼ିଆରେ ଲେଖ :—

କୁସ୍ଥାନ ବାସରେ ମହତ ଜନର
ସଦ୍‌ଗୁଣ ନ ହୁଏ ନାଶ,
ଶ୍ମଶାନ ଭୂମି ରେ ଜନ୍ମିଲେ ତୁଳସୀ
ହୁଅଇ କି ହୀନବାସ ?

**ମହିମା – ଗଙ୍ଗାଧର ମେହେର**

**Mahima - Gangadhar Meher**

(i) ମହତ କିଏ ? କୁସ୍ଥାନ କହିଲେ କବି କେଉଁ ସ୍ଥାନକୁ ବୁଝାଇଛନ୍ତି ? [2]

(ii) ଏ ପୃଥିବୀରେ କେଉଁ ଘଟଣା ଅସମ୍ଭବ ନୁହେଁ ? କାହିଁକି ? [2]

(iii) ତୁଳସୀ କେଉଁଠାରେ ହୀନ ବାସ ହୁଏ ନାହିଁ ? କାହିଁକି ? [3]

(iv) କୁଜନ କିଏ ? କବି କେଉଁ ଉଦାହରଣ ମାଧ୍ୟମରେ କୁଜନର ଚରିତ୍ର ବ୍ୟାଖ୍ୟା କରିଛନ୍ତି ? [3]


Pati's ICSE ACADEMY

Pati's
ICSE ACADEMY

## ଅଦୂର ସକାଳ - ଉପନ୍ୟାସ

## ADOORA SAKALA — NOVEL

**Question 11**

Read the extract given below and answer in **Odia** the questions that follow :—

ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର **ଓଡ଼ିଆ**ରେ ଲେଖ :—

"ନିଆଁ ଦେଲାବେଳେ ବାପାଙ୍କ ମୁହଁକୁ ଚାହିଁପାରୁ ନଥାଏ । ବାପା ଏମିତି କାଉଳୁବାଉଳୁ ହୋଇ କାନ୍ଦିବା କେବେ ବି ଦେଖି ନଥିଲା ସେ ।"

(i) କପିଳାର ବାପା କାହାର ମୃତ୍ୟୁରେ ଏଭଳି କାନ୍ଦୁଥିଲେ ? ଅତୀତର ଏହି କଥାସବୁ କେଉଁଠାରେ ପାଦ ଦେଲାବେଳେ ତା'ର ମନେପଡ଼ିଲା ? [2]

(ii) ମୃତବ୍ୟକ୍ତିଙ୍କ ସହ କପିଳାର ସଂପର୍କ କ'ଣ ଥିଲା ? କେତେ ମାସ ପୂର୍ବରୁ କେଉଁ ଦିନ ତାଙ୍କର ମୃତ୍ୟୁ ହୋଇଥିଲା ? [2]

(iii) ମୃତବ୍ୟକ୍ତି ଜଣକ ଜୀବିତ ଅବସ୍ଥାରେ କପିଳାର କିଭଳି ଯତ୍ନ ନେଉଥିଲେ ବର୍ଣ୍ଣନା କର । [3]

(iv) ମନୁଷ୍ୟ ଜୀବନରେ ମୃତ୍ୟୁର ସତ୍ୟତା ସଂପର୍କରେ କେଉଁ ମହାପୁରୁଷଙ୍କ ଜୀବନ କପିଳା ମନେ କରିଛି ? ତାଙ୍କ ର ସ୍ତ୍ରୀ ଓ ପୁତ୍ରଙ୍କ ନାମ ଲେଖ । କପିଳା କେଉଁ ପରୀକ୍ଷା ଦେଇ ଗାଁକୁ ଫେରିଥିଲା ? [3]

**Question 12**

Read the extract given below and answer in **Odia** the questions that follow :—

ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର **ଓଡ଼ିଆ** ରେ ଲେଖ :—

"କ୍ୟାମ୍ପକୁ ଫେରି ପ୍ରୋଗ୍ରାମ ଅଫିସାରଙ୍କୁ ସାକ୍ଷାତ କଲା କପିଳା- ଆମେ ଏଠି ଯାହା କିଛି କରିବା ସବୁ ଏଇ ଲୋକମାନଙ୍କ ସହଯୋଗରେ । ତେଣୁ ସନ୍ଧ୍ୟାକୁ ଗ୍ରାମ ପ୍ରମୁଖ ଲୋକଙ୍କୁ ଡକାଯାଇ ଆଲୋଚନା କରାଗଲେ ଆମକୁ ସବୁ କଥା କରିବାକୁ ସହଜ ହେବ ସାର୍ ।"

(i) ଏଠାରେ କେଉଁ କ୍ୟାମ୍ପ କଥା କୁହାଯାଇଛି ? ଏହାର ପ୍ରୋଗ୍ରାମ ଅଫିସର କିଏ ଥିଲେ ? [2]

(ii) ଏହି କ୍ୟାମ୍ପ ର କେତେ ଜଣ ସ୍ୱେଚ୍ଛାସେବୀ ଥିଲେ ? ସେମାନଙ୍କର ମୁଖ୍ୟ କାମ କ'ଣ ଥିଲା ? [2]

(iii) ସନ୍ଧ୍ୟାବେଳେ ସଭାରେ କ'ଣ ସବୁ ସ୍ଥିର କରାଗଲା ? [3]

(iv) ମୋତିଝରା ଗ୍ରାମର ଭୁଗୋଳ ସମ୍ବନ୍ଧରେ ଯାହା ଜାଣ ଲେଖ । [3]



Pati's
ICSE ACADEMY

## Question 13

Read the extract given below and answer in **Odia** the questions that follow :—

ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର **ଓଡ଼ିଆ**ରେ ଲେଖ :—

"ମନ୍ତ୍ରୀମଣ୍ଡଳର ତାଲିକା ଘୋଷଣା କରାଗଲା । କପିଳା ଷେରେ ସ୍ଥାନ ପାଇଥିଲା । ଏ ସମ୍ବାଦରେ ଆନନ୍ଦଖେଳିଗଲା ନିର୍ବାଚନ ମଣ୍ଡଳୀରେ । ଶପଥ ଗ୍ରହଣ ଉ□ବ ଦେଖିବାପାଇଁ ଚନ୍ଦ୍ରିକା, ଯୁଧିଷ୍ଠିର, ସନାତନ, ରେଣୁ, ମଧୁ ପ୍ରମୁଖ କର୍ମୀମାନେ ଭୁବନେଶ୍ୱରରେ ଆସି ପହଞ୍ଚିଲେ । ସେମାନଙ୍କୁ ଦେଖି ଆନନ୍ଦିତ ହେଲା କପିଳା ।"

(i) କେଉଁ ସମ୍ବାଦ ସମସ୍ତଙ୍କୁ ଆନନ୍ଦ ଦେଇଥିଲା ? କାରଣ ଲେଖ । [2]

(ii) କିଏ ନିର୍ବାଚିତ ପ୍ରତିନିଧିମାନଙ୍କର ନେତା ଥିଲେ ? କିଏ ରାଜ୍ୟପାଳଙ୍କୁ କେଉଁ ତାଲିକା ପ୍ରଦାନ କଲେ ? [2]

(iii) ରାଜ୍ୟପାଳ ମହୋଦୟ କାହାକୁ ସରକାର ଗଢ଼ିବା ପାଇଁ ନିମନ୍ତ୍ରଣ ଦେଇଥିଲେ ? ସେ କେତେ ଥର ମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟ ଲାଭ କରିଥିଲେ ? କାରଣ କ'ଣ ? [3]

(iv) ସେ କେଉଁ ଚିଠା ପ୍ରସ୍ତୁତ କରି କି ଘୋଷଣା କରିଥିଲେ ? [3]

### ଏକାଙ୍କିକା ଚୟନ

### EKANKIKA CHAYAN

## Question 14

Read the extract given below and answer in **Odia** the questions that follow :—

ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର ଓଡ଼ିଆରେ ଲେଖ :—

ଶରତ : ପଞ୍ଜାବ ସୀମାରେ ଗୁରୁତର ଲଢ଼େଇ ହେଉଛି ମଉସା । ସମସ୍ତ ଜାତି ଜାଗ୍ରତ ରହିବାକୁ ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେଇଛନ୍ତି ।

ଲଳିତ : ଜାଗ୍ରତ କ'ଣ, ରାତିରେ ତ ନିଦ ହେଉନାହିଁ ସବୁବେଳେ ଭେଁ ଭାଁ ।

**ଏଇ ପତାକା ତଳେ – କୁଳମଣି ମହାପାତ୍ର**

**Ei Pataka Tale - Kulamani Mahapatra**

(i) ଶରତ ଓ ଲଳିତ କିଏ ? କେଉଁ ଦେଶର ବର୍ବରୋଚିତ ଆକ୍ରମଣର ମୁକାବିଲା ନିମନ୍ତେ ଭାରତୀୟ ସୈ ନ୍ୟମାନେ ପ୍ରସ୍ତୁତ ବୋଲି କିଏ ଘୋଷଣା କରିଥିଲେ ? [2]

(ii) ଏହି ଗୁରୁତର ଲଢ଼େଇ ସମୟରେ କେଉଁ ପ୍ରଧାନମନ୍ତ୍ରୀଙ୍କ କେଉଁ ଧ୍ୱନିକୁ ପୁଣିଥରେ ଉଠାଇବାକୁ ପଡ଼ିଥିଲା ? [2]

(iii) ହନୁମାନ ଗନ୍ଧମାର୍ଦ୍ଦନ ପର୍ବତ ଟେକିଆଣିବା ସହ ଭାରତୀୟମାନଙ୍କର କେଉଁ କାର୍ଯ୍ୟକୁ ତୁଳନା କରାଯାଇଛି ? [3]

(iv) ଯବାନମାନଙ୍କ 'ଭାତହାଣ୍ଡି' କହିଲେ କ'ଣ ବୁଝ ? ଉପରୋକ୍ତ କଥାଟି କିଏ କାହାକୁ କହିଥିଲେ ? [3]

**Question 15**

Read the extract given below and answer in **Odia** the questions that follow :—

ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର **ଓଡ଼ିଆ** ରେ ଲେଖ :—

ଅସୀମା : ବାପା

(ନୀରବତା)

(ନୀରବତା)

(ନୀରବତା)

ବାପା : ଯା ବାପା.... ଯା, ନୂଆ ହାକିମ ହେଉଚୁ । ଜଗିରଖି ଚ଼ଳିବୁ । ଝେଲ ମନେ ରଖିଥା, ମଥା କଟିଯିବ ପଛକେ ନୂଆଇଁବୁନି । ପେଟରେ ଓଦାକନା ଦେଇ ଶୋଇବୁ, ହେଲେ କାହା ପାଟିରୁ ଦାନା ଛଡ଼େଇବୁନି । ଲାଞ୍ଚଖଞ୍ଚ କରିବୁନି । ଯା ବାପା .... ଯା (ଅସୀମ ବାପାଙ୍କୁ ଭୂମିଷ୍ଠ ପ୍ରଣାମ କରି କିଛି ବାଟ ଆଗେଇ ଯାଇଛି ।)

**ବାଘ ଶିକାର - ରଣଜିତ ପଟ୍ଟନାୟକ**

**Bagha Shikar - Ranjit Pattanaik**

(i) ଏଠାରେ ବର୍ଣ୍ଣିତ ଅସୀମର ବାପାଙ୍କ ବିଷୟରେ ସଂକ୍ଷେପରେ ଲେଖ । [2]

(ii) ନୂଆ ହାକିମ ବୋଲି କାହାକୁ କୁହାଯାଇଛି ? କାରଣ ଲେଖ । [2]

(iii) କିଏ ବେଇମାନ ହୋଇପାରିଲେନି ? କାହିଁକି ? କି କଷ୍ଟ ସହିବାକୁ ପଡ଼ିଲା ? [3]

(iv) ଜୟମୂନୀ କିଏ ? ତା'ର ଚ଼ରିତ୍ର ଚ଼ିତ୍ରଣ କର । [3]

**Question 16**

Read the extract given below and answer in **Odia** the questions that follow :—

ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର **ଓଡ଼ିଆ** ରେ ଲେଖ :—

ଶିବେଇ : ସତ୍ୟ ଛାମୁ ।

ନରସିଂହ : ଜାଣ ଶିବେଇ, ସୂର୍ଯ୍ୟଙ୍କୁ ପୂଜାକରି ଶାମ୍ବ ଦୁରାରୋଗ୍ୟ କୁଷ୍ଠ ବ୍ୟାଧିରୁ ମୁକ୍ତ ହୋଇଥିଲେ । ସୂର୍ଯ୍ୟଦେବ ହିଁ ସ୍ୱୟଂ ନାରାୟଣ । (ଆକାଶକୁ ଚ଼ାହିଁ ।) ଏଇ ପୁଣ୍ୟ ପ୍ରଭାତରେ ପବିତ୍ର ସୂର୍ଯ୍ୟବଂଶର ଦାୟାଦ ମୁଁ । ତାଙ୍କୁ ସାକ୍ଷୀ ରଖି ପ୍ରତିଜ୍ଞା କରୁଛି,


Pati's ICSE ACADEMY

ମନ୍ଦିର ଏଇଠି ତୋଳା ହେବ, ଆଉ ସେ ମନ୍ଦିର ହେବ କାରୁକାର୍ଯ୍ୟରେ ଉତ୍କଳର ସର୍ବଶ୍ରେଷ୍ଠ କୀର୍ତ୍ତି ।

**କୋଣାର୍କ - ଭଞ୍ଜକିଶୋର ପଟ୍ଟନାୟକ**

**Konark - Bhanja Kishore Pattanayak**

(i) ଏଠାରେ କେଉଁ ସତ୍ୟ ବିଷୟରେ ବର୍ଣ୍ଣିତ ? [2]

(ii) ଶାମ୍ବ କିଏ ? ସେ କେଉଁ ରୋଗରୁ କିପରି ମୁକ୍ତି ପାଇଥିଲେ ? [2]

(iii) ରାଜା କେଉଁ ପ୍ରତିଜ୍ଞା କରିଥିଲେ ? କାହାକୁ ସାକ୍ଷୀ ରଖିଲେ ? କାହିଁକି ? [3]

(iv) କାହାର ଶେଷ ଅନୁରୋଧ କିପରି ପୂରଣ ହେଲା ? ବର୍ଣ୍ଣନା କରି ଲେଖ । [3]

Pati's
ICSE ACADEMY

# 2024

## ODIA

**(*Second Language*)**

***Maximum Marks : 80***

***Time Allowed : Three Hours***

***Answers to this Paper must be written on the paper provided separately.***

*You will **not** be allowed to write during the first **15** minutes.*

*This time is to be spent in reading the question paper.*

***The time given at the head of this Paper is the time allowed for writing the answers.***

*This paper comprises of **two** Sections : **Section A** and **Section B**.*

*Attempt **all** the questions from **Section A**.*

*Attempt **four** questions from **Section B**, answering at least **one** question each from the **two** books you have studied and **any two** other questions from the same books you have compulsorily chosen.*

*The intended marks for questions or parts of questions are given in brackets [ ].*

### SECTION—A (40 Marks)

*Attempt **all** questions from this Section.*

**Question 1**

Write a short composition in **Odia** of approximately **250** words on any **one** of the following topics :— [15]

ନିମ୍ନଲିଖିତ ବିଷୟମାନଙ୍କ ମଧ୍ୟରୁ ଯେ କୌଣସି ଗୋଟିଏ ବିଷୟରେ ପ୍ରାୟ ୨୫୦ ଶବ୍ଦ ମଧ୍ୟରେ ରଚ଼ନାଟିଏ ଲେଖ :—

(i) ଶୃଙ୍ଖଳିତ ଛାତ୍ର ଜୀବନ ସଫଳତା ର ମୂଳମନ୍ତ୍ର ଅଟେ – ନିଜ ମତାମତ ଦିଅ ।

(ii) ମୋ ସ୍ୱପ୍ନର ଓଡ଼ିଶା ।

(iii) ପର୍ବପର୍ବାଣୀ ଜୀବନକୁ ସରସ ସୁନ୍ଦର କରି ଗଢ଼ିବା ସହିତ ସମାଜକୁ ଏକତା ସୂତ୍ରରେ ବାନ୍ଧି ରଖେ : – ନିଜ ମତାମତ ଦିଅ ।

(iv) **"ଚ଼ାଲି ନ ଜାଣି ବାଟ ର ଦୋଷ"** – ପ୍ରବାଦକୁ ଆଧାର କରି ନିଜସ୍ୱ ଗଳ୍ପଟିଏ ରଚ଼ନା କର ।

**This Paper consists of 12 printed pages.**



© Copyright reserved.

Pati's
ICSE ACADEMY

Pati's ICSE ACADEMY

(v) ସଂଲଗ୍ନ ଛବିଟିକୁ ଦେଖି ଏହାର ବର୍ଣ୍ଣନା ଦିଅ ଏବଂ ଏହା ତୁମକୁ ଯାହା ସୂଚାଇ ଦେଉଛି ତାହା ଉଲ୍ଲେଖ କର ।



**Question 2**

Write a letter in **Odia** of approximately **120** words on any **one** of the topics given below :— [7]

ନିମ୍ନଲିଖିତ ବିଷୟମାନଙ୍କ ମଧ୍ୟରୁ ଯେ କୌଣସି ଗୋଟିକ ବିଷୟରେ ପ୍ରାୟ ୧୨୦ଟି ଶବ୍ଦ ମଧ୍ୟରେ ପତ୍ରଟିଏ ଲେଖ :—

(i) ସବୁବେଳେ ମୋବାଇଲ୍ ଫୋନ୍, ଇଣ୍ଟରନେଟ୍ ମଧ୍ୟରେ ବ୍ୟସ୍ତ ରହି ପାଠ ପଢ଼ାରେ ଅବହେଳା କରୁଥିବା ସାନ ଭାଇକୁ ପତ୍ର ଲେଖି ପାଠ ପ୍ରତି ମନଯୋଗି ହେବା ପାଇଁ ପରାମର୍ଶ ଦିଅ ।

(ii) ତୁମ ବିଦ୍ୟାଳୟର ବାର୍ଷିକ ଉ□ରେ ଯୋଗ ଦେବା ପାଇଁ ଅନୁରୋଧ କରି ଜିଲ୍ଲାପାଳଙ୍କ ନିକଟକୁ ପତ୍ରଟିଏ ଲେଖ ।



Pati's ICSE ACADEMY

**Question 3**

Read the passage given below and answer in **Odia** the questions that follow, using your own words as far as possible :—

ନିମ୍ନରେ ଦିଆଯାଇଥିବା ଅନୁଚ୍ଛେଦଟିକୁ ପଢ଼ ଓ ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର **ଓଡ଼ିଆ** ରେ ଲେଖ । ଉତ୍ତରଗୁଡ଼ିକ ଯଥାସମ୍ଭବ ନିଜ ଶବ୍ଦରେ ହେବା ଉଚିତ :—

## ସାରଳାଦାସ

ଓଡ଼ଆ ସାହିତ୍ୟରେ ଆଦି ପୁରାଣ ଲେଖକ ହେଉଛନ୍ତି ସାରଳାଦାସ । ସେ ପୁରାଣ ରଚନା କରିବା ପରେ ଓଡ଼ିଆ ସାହିତ୍ୟରେ ପୁରାଣର ନୂତନ ପର- ରା ସୃଷ୍ଟି ହୋଇଥିଲା । ପଞ୍ଚଦଶ ଶତାବ୍ଦୀରେ ସାରଳାଦାସ ମହାଭାରତ ରଚନା କରି ଓଡ଼ିଆ ପୁରାଣ ସାହିତ୍ୟର ଭିତ୍ତି ସ୍ଥାପନ କରିଥିଲେ । ପରବର୍ତ୍ତୀ କାଳରେ ବଳରାମ, ଜଗନ୍ନାଥ, ଅଚ୍ୟୁତାନନ୍ଦ, ଅନନ୍ତ ଓ ଯଶୋବନ୍ତ ପ୍ରଭୃତି କବି ଓଡ଼ିଆ ପୁରାଣ ସାହିତ୍ୟକୁ ନୂତନ ଦିଗଦର୍ଶନ ଦେଲେ ।

ପୁରାଣରେ ଅତୀତର ବିଭବ କାହାଣୀ ବର୍ଣ୍ଣନା କରି ଜାତିର ଗୌରବ ପ୍ରତିପାଦନ କରିବାରେ ଏହି ପୁରାଣ ଲେଖକମାନେ ଧୁରନ୍ଧର ଥିଲେ । ସାରଳାଦାସ ଯେଉଁ ସମୟ ରେ ପୁରାଣ ରଚନାରେ ମନୋନିବେଶ କରିଥିଲେ ସେ ସମୟକୁ ଭାରତୀୟ ଭାଷାମାନଙ୍କରେ ଅତି କମ୍ ଲେଖକ ସାରଳାଦାସଙ୍କ ମହାଭାରତ ପରି ବିରାଟ ରଚନାରେ ଅଗ୍ରସର ହୋଇଥିଲେ । ଏହି ଦୃଷ୍ଟିରୁ ସାରଳାଦାସଙ୍କୁ ଓଡ଼ିଆ ସାହିତ୍ୟର ଆଦିକବି ଓ ଯୁଗସ୍ରଷ୍ଟାର ଗୌରବ ଦିଆଯାଇଛି । ତାଙ୍କ ପୂର୍ବରୁ ଓଡ଼ିଶାରେ ସଂସ୍କୃତ ଭାଷାରେ ରଚିତ ପୁରାଣମାନ କେବଳ ବ୍ରାହ୍ମଣ ସମାଜରେ ପ୍ରଚଳିତ ଥିଲା । ସାରଳାଦାସ ସାହସିକ ପଦକ୍ଷେପ ନେଇ ସେହି ପର- ରା ଭଙ୍ଗ କଲେ ।

ଓଡ଼ିଶାର ସାମାଜିକ, ଆଧ୍ୟାତ୍ମିକ, ଐତିହାସିକ ଓ ସାଂସ୍କୃତିକ ଜୀବନରେ ସାରଳାଦାସ ତାଙ୍କ ପୁରାଣମାନଙ୍କ ଦ୍ୱାରା ଏକ ଉଚ୍ଚ ଆସନର ଅଧିକାରୀ ହୋଇଥିଲେ । ସେ ଥିଲେ ସୂର୍ଯ୍ୟବଂଶର ପ୍ରବଳ ପରାକ୍ରମୀ ରାଜା କପିଳେନ୍ଦ୍ରଦେବଙ୍କ ସମସାମୟିକ । କପିଳେନ୍ଦ୍ରଦେବ ଯେପରି ଜଣେ ଦିଗ୍‌ବିଜୟୀ ବୀର, ସୁଶାସକ ଓ ପ୍ରଜାବ□ଳ ରାଜା ଭାବେ ଇତିହାସରେ ନିଜର ମହାନକୀର୍ତ୍ତୀ ପ୍ରତିଷ୍ଠା କରିଯାଇଛନ୍ତି , ସେହିପରି ସାରଳାଦାସ ତାଙ୍କ ରଚନାମାନଙ୍କରେ ଏ ଜାତିର ଜୀବନଧାରାକୁ ରୂପାୟିତ କରି ଉଜ୍ଜ୍ୱଳ କୀର୍ତ୍ତି ଅର୍ଜନ କରିଯାଇଛନ୍ତି ।

ସାରଳାଦାସ ମହାଭାରତ ବ୍ୟତୀତ ଚଣ୍ଡୀପୁରାଣ, ବିଲଙ୍କା ରାମାୟଣ ଓ ଲକ୍ଷ୍ମୀନାରାୟଣ ବଚନିକା ନାମରେ ଆଉ ତିନୋଟି ଗ୍ରନ୍ଥ ମଧ୍ୟ ରଚନା କରିଥିଲେ । ଏସବୁ ଗ୍ରନ୍ଥରେ କବିଙ୍କ ମୌଳିକତା, ପାଣ୍ଡିତ୍ୟ ସ୍ୱଦେଶପ୍ରୀତି ଓ କବିତ୍ୱ ଫୁଟିଉଠିଛି । ଏ ସମସ୍ତ ଗ୍ରନ୍ଥରେ ଓଡ଼ିଆ ଜାତିର ରୀତିନୀତି, ଆଚାର ବ୍ୟବହାର

Pati's ICSE ACADEMY

ଓ ଲୋକଧର୍ମ ବଳିଷ୍ଠ ରୂପ ଲାଭ କରିଛି । ସାରଳାଦାସ ତାଙ୍କ ଉପାସ୍ୟ ଦେବୀ ସାରଳାଙ୍କ କୃପାରୁ ଏ ସବୁ ପୁରାଣ ଲେଖିଥିବା ଉଲ୍ଲେଖ କରିଛନ୍ତି ।

(i) ଓଡ଼ିଆରେ ପୁରାଣ ସାହିତ୍ୟର ଭିତ୍ତି କିଏ ସ୍ଥାପନ କରିଥିଲେ ଓ ତାଙ୍କ ରଚିତ ପୁରାଣଗୁଡ଼ିକର ନାମ କ'ଣ ? [2]

(ii) ସାରଳାଦାସ କେବେ ଓ କେଉଁ ରାଜାଙ୍କ ସମୟରେ ତାଙ୍କ ପୁରାଣଗୁଡ଼ିକ ଲେଖିଥିଲେ ? [2]

(iii) ତାଙ୍କ ପରେ ଆଉ ଯେଉଁ କବିମାନେ ପୁରାଣ ରଚନାରେ ଅଗ୍ରସର ହୋଇଥିଲେ, ସେମାନଙ୍କର ନାମ ଲେଖ । [2]

(iv) ସାରଳାଦାସ ପୁରାଣସାହିତ୍ୟ ରଚନା କରିବା ପୂର୍ବରୁ ଓଡ଼ିଶାରେ କେଉଁ ଭାଷାର ପୁରାଣ ବ୍ରାହ୍ମଣ ସମାଜରେ ପ୍ରଚଳିତ ଥିଲା ? ସେ କିପରି ସାହସିକ ପଦକ୍ଷେପ ନେଲେ ? [2]

(v) ତାଙ୍କ ରଚନାଗୁଡ଼ିକରେ ତାଙ୍କର କେଉଁ ଗୁଣ ଏବଂ ଓଡ଼ିଆ ଜାତିର କେଉଁ ଚିତ୍ର ପରିସ୍ଫୁଟିତ ? [2]

**Question 4**

Answer the following questions according to the instructions given below :— [8]

ନିର୍ଦ୍ଦେଶ ଅନୁସାରେ ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ସଠିକ ଉତ୍ତର ବାଛି କରି ଲେଖ :—

(i) ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ – 'ପଶୁରାଜ'।

(a) ପଶୁପତୀ, କେସରି

(b) କେଶରୀ, କଣ୍ଠୀରବ

(c) ସିଂହ, ସାରଙ୍ଗ

(d) କେଶରୀ, ସୁଧାକର

(ii) ବିପରୀତାର୍ଥବୋଧକ ଶବ୍ଦ ଲେଖ । 'ରୋଜଗାର'

(a) ବେରୋଜଗାର

(b) ବେରୋଯଗାର

(c) ବେରଜଗାର

(d) ସ୍ୱରୋଜଗାର

(iii) ଅର୍ଥ ବୁଝାଇ ଦିଅ – 'ତିଳକୁ ତାଳ କରିବା'

(a) ଭୁଲକୁ ଠିକ୍ କରିବା ।

(b) ବଡ଼ କଥାକୁ ଛୋଟ କରିବା ।

(c) ଛୋଟ ଛୋଟ ଭୁଲ୍ କରିବା ।

(d) ଛୋଟ କଥାକୁ ବଡ଼ କରିବା ।



Pati's ICSE ACADEMY

(iv) ଏକପଦରେ ପ୍ରକାଶ କର - 'ଜନର ଅଭାବ'

(a) ଜନପୂର୍ଣ୍ଣ

(b) ନାହିଁଜନ

(c) ନିର୍ଜନ

(d) ନିଃଜନ

(v) ଭ୍ରମ ସଂଶୋଧନ କର - **"ଶାନ୍ତ୍ୟନା"**

(a) ସାନ୍ତ

(b) ଶାନ୍ତ୍ୱନା

(c) ଶାନ୍ତ

(d) ସାନ୍ତ୍ୱନା

(vi) ଅର୍ଥଗତ ପାର୍ଥକ୍ୟ ଦର୍ଶାଅ - "ପ୍ରସାଦ - ପ୍ରାସାଦ"

(a) ଅନ୍ନ - ଘର

(b) ପାଚେରି - ଶ୍ରେଷ୍ଠ

(c) ଭୋଗ - ଅଟ୍ଟାଳିକା

(d) ନଗର - କୋଠାଘର

(vii) ନିମ୍ନରେ ଦିଆଯାଇଥିବା ଶବ୍ଦର ଦୁଇଟି ଭିନ୍ନ ଅର୍ଥ ଲେଖ - **"ରଜ"**

(a) ସୌନ୍ଦର୍ଯ୍ୟ - ପ୍ରତିଜ୍ଞା

(b) ଏକ ପର୍ବ - ଧୂଳି

(c) ଗଛର ଫଳ - ଗୃହ

(d) ପୃଥିବୀ - ସୁଗନ୍ଧ

(viii) ଶୁଦ୍ଧ ବାକ୍ୟଟିକୁ ବାଛ

(a) ପରିଶ୍ରମ ଯେ କରେ ସେ ଫଳ ପ୍ରକୃତ ପାଏ ।

(b) ସେ ଫଳ ପାଏ ପ୍ରକୃତ ଯେ ପରିଶ୍ରମ କରେ ।

(c) ଯେ ପରିଶ୍ରମ କରେ ସେ ପ୍ରକୃତ ଫଳ ପାଏ ।

(d) ପାଏ ପ୍ରକୃତ ସେ ଫଳ କରେ ଯେ ପରିଶ୍ରମ ।



Pati's ICSE ACADEMY

Pati's ICSE ACADEMY

## SECTION—B (40 Marks)

*Questions from only **two** of the following textbooks are to be answered.*

*Attempt any **four** questions from this Section.*

*You must answer at least **one** question from each of the **two** books, you have studied and any **two** other questions from the same books that you have chosen.*

### ଜ୍ଞାନାଞ୍ଜଳି - କ୍ଷୁଦ୍ରଗଳ୍ପ ବିଭାଗ

### GYANANJALI - SHORT STORIES

**Question 5**

Read the extract given below and answer in **Odia** the questions that follow :—

ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର **ଓଡ଼ିଆ** ରେ ଲେଖ :—

ଏୟାରପୋର୍ଟ ଲାଉଞ୍ଜରେ ଇତସ୍ତତଃ ହୋଇ ମନେମନେ ଏଇ ରହସ୍ୟମୟୀ ଦ- ଡିଙ୍କୁ ଖୋଜୁଥିଲି । ହଠାତ୍ ଦେଖିଲି - ଭଦ୍ରଲୋକ ମୋ କାନ୍ଧ ଉପରେ ମୃଦୁଚାପ ଦେଇ କହୁଛନ୍ତି "ହାଲୋ ସଞ୍ଜୟ" ଚମକି ପଡ଼ିଲି ।

**ଡିମିରିଫୁଲ - ଅଖିଳ ମୋହନ ପଟ୍ଟନାୟକ**

**Dimiri Phula - Akhila Mohan Pattnaik**

(i) ଅଶୋକ କାହାକୁ କେଉଁଠି ଖୋଜୁଥିଲା ? [2]

(ii) ଦ- ଡିଙ୍କୁ ଅଶୋକ ରହସ୍ୟମୟୀ ଭାବିଲା କାହିଁକି ? [2]

(iii) ଅଶୋକ କାହାଠାରୁ ପ୍ୟାକେଟ୍ ଗ୍ରହଣ କରିଥିଲା ? ଏହା କାହାପାଇଁ ଥିଲା ? ପ୍ୟାକେଟ୍ ଉପରେ ଠିକଣା ଲେଖା ନ ହେବାର କାରଣ ଦର୍ଶାଅ । [3]

(iv) ଅଶୋକ କାହାକୁ କାହାର ଠିକଣା ପଚାରିଲା ? କି ଉତ୍ତର ପାଇଲା ? [3]

**Question 6**

Read the extract given below and answer in **Odia** the questions that follow:—

ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର **ଓଡ଼ିଆ** ରେ ଲେଖ :—

"କିଏ କହେ ପାଠ ର ଦୋଷ, କିଏ କହେ ସମାଜର ଦୋଷ, କିଏ ବା କହେ ପାଠ ର ଦୋଷ ନୁହେଁ କି ସମାଜର ଦୋଷ ନୁହେଁ ; ଦୋଷଟା ହେଉଛି ନୀଳ ମାଷ୍ଟରାଣୀର । ନିମାପଡ଼ାର ପାଖପାଖ ତିନୋଟି ଗାଁ ଦାଣ୍ଡ ରେ ଏହିପରି କେତେ କଥା ଚାଲେ ।"

**ନୀଳ ମାଷ୍ଟରାଣୀ - ଗୋଦାବରୀଶ ମହାପାତ୍ର**

**Nila Mastarani - Godabarish Mahapatra**



Pati's ICSE ACADEMY

Pati's ICSE ACADEMY

(i) ତିନୋଟି ଗାଁ କେଉଁଠାରେ ଥିଲା ? ତିନୋଟି ଗାଆଁ ଦାଣ୍ଡ ରେ କେଉଁ କଥା ଆଲୋଚ଼ନା ହେଉଥିଲା ? [2]

(ii) ନୀଳ କିଏ ? ତିନୋଟି ଗାଁ ରେ ତା'ର ପରିଚ଼ୟ କ'ଣ ଥିଲା ? [2]

(iii) ଲୋକେ କାହାର କେଉଁ ଦୋଷ ବିଷୟରେ ଚ଼ର୍ଚ୍ଚା କରୁଥିଲେ ? ଏ ଦୋଷଟି ଭୟାବହ ଥିଲା କାହିଁକି ? [3]

(iv) ଭାଇ କିଏ ? ସେ କାହା ଘରକୁ ଯାଇ ଥିଲା ? ବଉଳ ପାଟ ଭାଇ ହାତରେ ଦେଖି ସମସ୍ତେ ଅବାକ୍ ହୋଇଗଲେ କାହିଁକି ? [3]

**Question 7**

Read the extract given below and answer in **Odia** the questions that follow :—

ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର **ଓଡ଼ିଆ** ରେ ଲେଖ :—

"ପନ୍ଦର ଦିନ ତଳେ ବାପାଙ୍କ ର ଦେହାନ୍ତ ହୋଇଗଲା । ମୃତ୍ୟୁ ପର୍ଯ୍ୟନ୍ତ ତମକୁ ସେ ଖୋଜୁଥିଲେ । ତାଙ୍କର ଆଶା ଥିଲା ସେ ତମ ଦୁଆରୁ ଚ଼ାରିଥର ଫେରିଛନ୍ତି ଶୁଣି ନିଶ୍ଚୟ ତାଙ୍କୁ ଦେଖା କରିବାକୁ ତମେ ଗାଁକୁ ଧାଇଁ ଆସିବ ।"

**ଭଦ୍ରଲୋକ - ଡକ୍‌ଟର ପ୍ରତିଭା ରାୟ**

**Bhadraloka - Dr. Prativa Ray**

(i) ଏଠାରେ କାହାର ଦେହାନ୍ତ ହେବା କଥା କୁହାଯାଇଛି ? ସେ ମୃତ୍ୟୁ ପର୍ଯ୍ୟନ୍ତ କାହାକୁ ଖୋଜୁଥିଲେ ? [2]

(ii) କିଏ କାହାର ଦୁଆର ମୁହଁରୁ କେତେ ଥର ଫେରିଥିଲେ ? ଶେଷ ଥର କେଉଁ ଦିନ ଯାଇଥିଲେ ? [2]

(iii) ନାରଣ ମାଷ୍ଟ୍ରେ ଶୁଭଦାଙ୍କ ଦ୍ୱାରସ୍ଥ ହୋଇଥିଲେ କାହିଁକି ? ଶୁଭଦା ଗାଁକୁ ଧାଇଁ ଗଲା ନାହିଁ କାହିଁକି ? [3]

(iv) ଶୁଭଦା ଲହୁ ଝରାଇ କାନ୍ଦିଲା କାହିଁକି ? [3]

## ଜ୍ଞାନାଞ୍ଜଳି - କବିତା ବିଭାଗ

## GYANANJALI — POEMS

**Question 8**

Read the extract given below and answer in **Odia** the questions that follow :—

ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର **ଓଡ଼ିଆ** ରେ ଲେଖ :—

ଶତେକ ପୁତ୍ର ନୁହେଁ ଖାଲି ମୋ'ର
ନୁହଁଇ ବ□ଜଣେ,
ସର୍ବେ ମୋହର ପ୍ରିୟ ସନ୍ତାନ
ଆଜି ଏ ଧରମ ରଣେ ।

**ଗାନ୍ଧାରୀର ଆଶୀର୍ବାଦ - କାଳିନ୍ଦୀ ଚ଼ରଣ ପାଣିଗ୍ରାହୀ**

**Gandharira Asirbad - Kalindicharan Panigrahi**



Pati's ICSE ACADEMY

(i) ଉପରୋକ୍ତ କଥାଟି କିଏ କାହାକୁ କେତେବେଳେ କହିଥିଲେ ? [2]

(ii) ଶତପୁତ୍ରର ଜନନୀ କିଏ ଥିଲେ ? କବିତାରେ କାହିଁକି ତାଙ୍କୁ କୋଟି ବିଶ୍ୱର ରାଣୀ ବୋଲି କୁହାଯାଇଛି ? [2]

(iii) କବିତାରେ କେଉଁ ଯୁଦ୍ଧ ବିଷୟ ରେ କୁହାଯାଇଛି ? ଏହି ଯୁଦ୍ଧ କାହା କାହା ମଧ୍ୟରେ କେଉଁଠାରେ ହୋଇ ଥିଲା ? ଏହି ଯୁଦ୍ଧର ଅନ୍ୟ ନାମ କ'ଣ ? [3]

(iv) ଧର୍ମନନ୍ଦନ ବୋଲି କାହାକୁ କୁହାଯାଇଛି ? କିଏ ତାଙ୍କ ସହିତ ଶତ୍ରୁତା କରିଥିଲେ ? କବିତାରେ ଗାନ୍ଧାରୀ ନନ୍ଦନଙ୍କୁ କେଉଁ ନାମରେ ପରିଚୟ ମିଳିଛି ? ଏହାର ଅର୍ଥ କ'ଣ ? [3]

**Question 9**

Read the extract given below and answer in **Odia** the questions that follow :—

ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର **ଓଡ଼ିଆ** ରେ ଲେଖ :—

ଆନନ୍ଦେ ବିଷାଦେ ସମଭାବେ ଥା'ନ୍ତି
　　ମହତ ସ୍ୱଭାବ ଧରି ।
ପୂର୍ଣ୍ଣିମାରେ ଯଥା ନାଚ଼ଇ ସାଗର
　　ଅମାବାସ୍ୟାରେ ସେପରି ।

**ମହିମା - ଗଙ୍ଗାଧର ମେହେର**

**Mahima - Gangadhar Meher**

(i) ମହତ ଲୋକର ସ୍ୱଭାବ କିପରି ହୁଏ ? [2]

(ii) ପୂର୍ଣ୍ଣିମା ତିଥିରେ ସାଗରର ସ୍ଥିତି କିପରି ଥାଏ ? [2]

(iii) ମହତଜନର ମୂଲ୍ୟ କେଉଁମାନେ ବୁଝିପାରନ୍ତିନି ? କାହିଁକି ? [3]

(iv) କିଏ କିପରି ନୀଚ଼ତାର ପରିଚ଼ୟ ଦିଏ ? କବିତାରୁ କେଉଁ ଶିକ୍ଷା ପାଇଲ ? [3]

**Question 10**

Read the extract given below and answer in **Odia** the questions that follow :—

ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର **ଓଡ଼ିଆ** ରେ ଲେଖ :—

"ଯମଦୂତ ହୃଦେ କରୁଣା କାହୁଁ ବସିବ ତିଳେ ?
ଅଧିକ ନ କହି ମର୍ଯ୍ୟାଦା ଜଗି ପଶିବି ବିଳେ ।"

**ବନ୍ଦୀର ବିରହବ୍ୟଥା - ଗୋପବନ୍ଧୁ ଦାସ**

**Bandira Birahabyatha - Gopabandhu Das**

(i) କବି କବିତାଟିକୁ କେଉଁଠାରେ ଲେଖିଥିଲେ ? ସେ କେଉଁଠାରେ କାହିଁକି ବନ୍ଦୀ ଥିଲେ ? [2]

(ii) କବି ଯମଦୂତ ବୋଲି କାହାକୁ କହିଛନ୍ତି ? କାହିଁକି ? [2]

(iii) ଅସ୍ତଗାମୀ ସୂର୍ଯ୍ୟ ବିଷୟରେ କବି କ'ଣ କହିବାକୁ ଚାହିଁଛନ୍ତି ? [3]

(iv) ପ୍ରକୃତିର କେଉଁ ବିପରୀତ ରହସ୍ୟ କବିଙ୍କ ଦୃଷ୍ଟି ଗୋଚର ହୋଇଛି ? ଏହା କବିଙ୍କ ମନରେ କେଉଁ ଭାବନା ସୃଷ୍ଟିକରିଛି ? [3]

## ଅଦୂର ସକାଳ - ଉପନ୍ୟାସ

## ADOORA SAKALA — NOVEL

**Question 11**

Read the extract given below and answer in **Odia** the questions that follow :—

ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର **ଓଡ଼ିଆ** ରେ ଲେଖ :—

ସେଦିନ କୌଣସି ଛୁଟିଦିନ ନ ହୋଇଥିଲେ ବି କପିଳା କଲେଜରୁ ପଳେଇ ଆସିଲା ଗାଁକୁ । ବୋଉ ପାଖରେ ଛିଡ଼ା ହୋଇ କହିଲା - "ତୁ ବାପାଙ୍କୁ କହ, ଆମେ ତାଙ୍କ ଘରକୁ କିଛି ପନିପରିବା ପଠେଇବା ।"

(i) କପିଳାର ଏହି କଥା ଶୁଣି ବୋଉ କ'ଣ ଉତ୍ତର ଦେଲା ? [2]

(ii) କାହା ଘରକୁ କାହିଁକି ପନିପରିବା ପଠେଇବା କଥା କପିଳା କହୁଥିଲା ? [2]

(iii) ବୋଉ କପିଳାର କଥା କିପରି ଜଣାଇଲା ? ବାପାଙ୍କର ଏକଥା ଶୁଣି କ'ଣ ପ୍ରତିକ୍ରିୟା ହେଲା ? [3]

(iv) କପିଳାର ବାପାଙ୍କ ନାମ କ'ଣ ଥିଲା ? ବାପା କ'ଣସବୁ ଭାରରେ ଦେବା ବ୍ୟବସ୍ଥା କରିଦେଲେ ? [3]

**Question 12**

Read the extract given below and answer in **Odia** the questions that follow :—

ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର **ଓଡ଼ିଆ** ରେ ଲେଖ :—

"କାଶି ତ କିଛି ହେଲା ନାହିଁ । ବିଲରେ ଖଟିଖଟି ଜୀବନ ତାର ମାଟି ହେଲା । ହେଲେ, ତମେ ଚାହିଁଲେ ଟୁନିଟା କେଉଁଠି ମୁଣ୍ଡ ଗୁଞ୍ଜି ପାରନ୍ତା"।

(i) ଏ କଥାଟି କିଏ କାହାକୁ କହିଛି ? [2]

(ii) ଏପରି କହିବାର କାରଣ କ'ଣ ? [2]

(iii) ଟୁନି କିଏ ? ସେ କେଉଁ ଶ୍ରେଣୀରେ ପଢୁଥିଲା ? ତାର କଥା ବିଚାର ହେବାର କାରଣ କ'ଣ ? [3]

(iv) "ସବୁଠାରୁ ବଡ଼କଥା ହେଲା ନିଜ ଉପରେ ବିଶ୍ୱାସ" - ବାକ୍ୟଟିର ଯଥାର୍ଥତା ପ୍ରତିପାଦନ କର । [3]



Pati's ICSE ACADEMY

## Question 13

Read the extract given below and answer in **Odia** the questions that follow :—

ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର **ଓଡ଼ିଆ** ରେ ଲେଖ :—

କାଶିଆର ଏପରି ଦୁର୍ଦ୍ଦିନରେ କପିଳା ମୁଣ୍ଡରେ ହାତ ଦେଇ ବସିଲା । କେମିତି ସହାୟ ହେବ ତାକୁ ? କେମିତି ଶୁଝିବ ତାଙ୍କ ସ୍ନେହ ମମତାର ଋଣ ।

(i) କାଶିଆ କେଉଁ ଦୁର୍ଦ୍ଦିନରେ ଭାଙ୍ଗିପଡ଼ିଥିଲା ? [2]

(ii) କପିଳା ମୁଣ୍ଡରେ ହାତଦେଇ କାହିଁକି ବସିଥିଲା ? [2]

(iii) କାହା ସ୍ନେହ ମମତାର ଋଣ ବିଷୟରେ ବର୍ଣ୍ଣିତ ହୋଇଛି ? ଋଣବୋଲି ଏହାକୁ କିଏ ଭାବିଲା ? କାହିଁକି ? [3]

(iv) କପିଳା ନିରୁପାୟ ହୋଇ କାହାକୁ ଗାଳି ଦେଲା ? କାରଣ ଲେଖ । [3]

### ଏକାଙ୍କିକା ଚୟନ

### EKANKIKA CHAYAN

## Question 14

Read the extract given below and answer in **Odia** the questions that follow :—

ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର **ଓଡ଼ିଆ** ରେ ଲେଖ :—

ଅସୀମ – ଭୋଳା

ଭୋଳା – ସାରେ ?

ଅସୀମ – ଏଇ ରୁମ୍ ଟା ଝଡ଼ା ଝଡ଼ି କରି ସେ ଫୋଟୋ ସବୁ ସେଠୁ ବାହାର କରିଦେବ........

ଭୋଳା – ବାହାର କରିଦେବି ? କାହିଁକି ସାର ?

ଅସୀମ – ମୁଁ ସେଠି ଗାନ୍ଧିଙ୍କ ଫୋଟୋ ଟାଙ୍ଗିବି ।

**ବାଘ ଶିକାର – ରଣଜିତ୍ ପଟ୍ଟନାୟକ**

**Bagha Sikara - Ranjit Pattnaik**

(i) ଭୋଳା କିଏ ? ଅସୀମ ଅଫିସ୍ ରେ ପହଞ୍ଚିଲା ବେଳକୁ ସେ କ'ଣ କରୁଥିଲା ? [2]

(ii) ଅସୀମ କିଏ ? ସେ କେଉଁଠୁ କାହାର ଫୋଟୋ ବାହାର କରିଦେବା ପାଇଁ ଭୋଳାକୁ କହିଥିଲେ? ସେଠାରେ ସେ କାହାର ଫୋଟୋ ଟାଙ୍ଗିବାକୁ ଚାହୁଁଥିଲେ ? [2]

(iii) ଅସୀମର ବୋଉ କିପରି ମୃତ୍ୟୁବରଣ କରିଥିଲେ ? [3]

(iv) ଅସୀମ ଚାକିରିରେ ଯୋଗ ଦେବାକୁ ଯିବା ସମୟ ରେ ତାଙ୍କ ବାପା ତାଙ୍କୁ କି ପରାମର୍ଶ ଦେଇଥିଲେ ? [3]



Pati's ICSE ACADEMY

ICSE ACADEMY

## Question 15

Read the extract given below and answer in **Odia** the questions that follow :—

ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର **ଓଡ଼ିଆ** ରେ ଲେଖ :—

ବିଶୁ : (ଚିତ୍କାର କରି) ନାନା, ତତେ ମୁଁ ଜମା ପାଖରୁ ଛାଡ଼ିବିନି । ଦେଖେ, କାହାର ଏତେ ଶକ୍ତି ବାପଠୁଁ ପୁଅକୁ ଛଡ଼େଇ ନେବ ?

ଶିଳ୍ପୀଗଣ : ବିଶୁ ତୁ କ'ଣ ପାଗଳ ?

**କୋଣାର୍କ - ଭଞ୍ଜକିଶୋର ପଟ୍ଟନାୟକ**

**Konark - Bhanja Kishore Pattnaik**

(i) ବିଶୁ ମହାରଣା କାହିଁକି ଚିତ୍କାର କଲେ ? [2]

(ii) କିଛିକ୍ଷଣ ଆଗରୁ ସେ କାହାର ପରିଚୟ ପାଇଥିଲେ ? କିପରି ? [2]

(iii) ବିଶୁ ମହାରଣା କାହାର ପରିଚୟ ପାଇ ଆନନ୍ଦିତ ହୋଇଥିଲେ ? ସେ ଆନନ୍ଦ ତାଙ୍କର କ୍ଷଣସ୍ଥାୟୀ ହେଲା କିପରି ? [3]

(iv) ଧରମା କିଏ ? ସେ କିପରି କାରିଗର କୁଳର ନାମ ରଖିଲା ? ସେ କାହାକୁ କେଉଁ ବାର୍ତ୍ତା ପଠାଇଥିଲା? [3]

## Question 16

Read the extract given below and answer in **Odia** the questions that follow :—

ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର **ଓଡ଼ିଆ** ରେ ଲେଖ :—

ଦେବେନ୍ଦ୍ର : ମୋର ପ୍ରସ୍ତାବ ହଉଚି - ଏଇ ପୁରୁଣା ଖାନ୍‌ଦାନୀ ଘରଖଣ୍ଡକ ଖଞ୍ଜା। ସହିତ ତୁ ନବୁ ।

ମହେନ୍ଦ୍ର : ମୋର ଆପତ୍ତି ନାହିଁ । ସହରରେମୋ' କୋଠାଟା ଅଧା ତିଆରି ହୋଇ ପଡ଼ିରହିଛି । ଗାଁର ଏଇ ଖଞ୍ଜା। ଘରଖଣ୍ଡକ କାହାରିକୁ ବିକିଦେଇ ସେଇଟା ପୁରା କରିଦେଇପାରିବ । ଜରୁର୍ ଗ୍ରାହକ ମିଳିଯିବେ ।

ଦେବେନ୍ଦ୍ର : ଆଉ ପୋଖରୀ ସହ ତୋଟାଟା ରାଜୁଭାଗରେ ପଡ଼ିଲେ କେମିତି ହୁଅନ୍ତା ?

**ଆହୁତି - କାର୍ତ୍ତିକ ଚନ୍ଦ୍ର ରଥ**

**Aahuti - Kartik Chandra Rath**



ICSE ACADEMY

(i) ଘରେ ସ- ତ୍ତିର ଭାଗବଣ୍ଟା କାହିଁକି ହେଉଥିଲା ? କିଏ କରୁଥିଲେ ? ଏହା ପଛରେ କାହାହାତ ଥିଲା ? [2]

(ii) ଚଞ୍ଚଳା ବିଷୟରେ ସଂକ୍ଷେପରେ ଲେଖ । [2]

(iii) ମହେନ୍ଦ୍ର, ଦେବେନ୍ଦ୍ରଙ୍କ ଭାଗରେ ପଡ଼ିଥିବା ସ- ତ୍ତି ବିଷୟରେ କି ମନ୍ତବ୍ୟ ଦେଇଥିଲେ ? [3]

(iv) ମା' ଝିଅର ଭାଗ ବିଷୟରେ କି ପରାମର୍ଶ ଦେଇଥିଲେ ? ଝିଅର ଦାବୀ ଶୁଣି କିଏ କେଉଁ ମନ୍ତବ୍ୟ ଦେଲେ ? [3]

Pati's ICSE ACADEMY



# 2023

## ODIA

***(Second Language)***

***Maximum Marks : 80***

***Time Allowed : Three Hours***

---

***Answers to this Paper must be written on the paper provided separately.***

*You will **not** be allowed to write during the first **15** minutes.*

*This time is to be spent in reading the question paper.*

***The time given at the head of this Paper is the time allowed for writing the answers.***

---

*This paper comprises of two Sections : **Section A** and **Section B.***

*Attempt **all** the questions from **Section A.***

*Attempt **four** questions from **Section B**, answering at least **one** question each from **two** books you have studied and **any two** other questions from the same books you have compulsorily chosen.*

*The intended marks for questions or parts of questions are given in brackets [ ].*

---

### SECTION□A (40 Marks)

*Attempt **all** questions from this Section.*

**Question 1**

Write a short composition in **Odia** of approximately **250** words on any **one** of the following topics :□ [15]

(ନିମ୍ନଲିଖିତ ବିଷୟମାନଙ୍କ ମଧ୍ୟରୁ ଯେ କୌଣସିଗୋଟିଏ ବିଷୟରେ ପ୍ରାୟ ୨୫୦ ଶବ୍ଦ ମଧ୍ୟରେ ରଚ଼ନାଟିଏ ଲେଖ):□

(i) ସମୟାନୁବର୍ତ୍ତିତା ଉତ୍ତମ ଛାତ୍ରର ଲକ୍ଷଣ ଅଟେ ।

(ii) ତୁମେ ତୁମ ଜନ୍ମଦିନ ପାଇଁ ଏକ ଭୋଜିର ଆୟୋଜନ କରିଥିଲ । ଏହାର ପୂର୍ଣ୍ଣ ବିବରଣୀ ଦିଅ ।

(iii) ନଗର ଜୀବନ ଗ୍ରାମ୍ୟ ଜୀବନ ଠାରୁ ଶ୍ରେୟସ୍କର ।

(iv) ଶ୍ରମ ହିଁ ସୌଭାଗ୍ୟର ଜନନୀ – ପ୍ରବାଦକୁ ଆଧାର କରି ଗଳ୍ପଟିଏ ରଚ଼ନା କର ।

---

**This Paper consists of 12 printed pages.**



© Copyright reserved.

Pati's ICSE ACADEMY

(v) ସଂଲଗ୍ନ ଛବିଟିକୁ ଦେଖି ଏହାର ବର୍ଣ୍ଣନା ଦିଅ ଏବଂ ଏହା ତୁମକୁ ଯାହା ସୂଚାଇ ଦେଉଛି ତାହା ଉଲ୍ଲେଖ କର ।



**Question 2**

Write a letter in **Odia** in approximately **120** words on any **one** of the topics given below :□ [7]

ନିମ୍ନଲିଖିତ ବିଷୟମାନଙ୍କ ମଧ୍ୟରୁ ଯେ କୌଣସିଗୋଟିକ ବିଷୟରେ ପ୍ରାୟ ୧୨୦ଟି ଶବ୍ଦ ମଧ୍ୟରେ ପତ୍ରଟିଏ ଲେଖ । :□

(i) ଗଛଲତା ପ୍ରତି ଯତ୍ନ ନେବାର ଆବଶ୍ୟକତା ସଂପର୍କରେ ଜଣାଇ ନିଜ ସାନଭାଇ ପାଖକୁ ପତ୍ରଟିଏ ଲେଖ ।

(ii) ତୁମ ଅଞ୍ଚଳରେ ଏକ ପଶୁଚିକି□ାଳୟ(Veterinary Hospital) ଖୋଲିବା ନିମନ୍ତେ ରାଜ୍ୟ ପଶୁଚିକି□ା ନିର୍ଦ୍ଦେଶକଙ୍କ ନିକଟକୁ ଏକ ଦରଖାସ୍ତ ଲେଖ ।



ICSE ACADEMY

**Question 3**

Read the passage given below and answer in **Odia** the questions that follow, using your own words as far as possible :

ଦିଆଯାଇଥିବା ଅନୁଚ୍ଛେଦଟିକୁ ପଢ଼ ଓ ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଓଡ଼ିଆରେ ଲେଖ । ଉତ୍ତର ଗୁଡ଼ିକ ଯଥାସମ୍ଭବ ନିଜ ଶବ୍ଦରେ ହେବା ଉଚିତ :

**ଡ ର ବାବାସାହେବ ଭୀମରାଓ ଆମ୍ବେଦକର**

**(ସଂଘର୍ଷମୟ ଜୀବନ)**

୧୯୧୭ ମସିହା ନଭେମ୍ବର ମାସରେ ବମ୍ବେ ଫେରିଆସି ଆମ୍ବେଦକର ନିଜର ଆର୍ଥିକ ସ୍ଥିତି ସୁଧାରିବାପାଇଁ ପ୍ରଯତ୍ନ କରିଥିଲେ । ଜଣେ ପାର୍ସୀ ଭଦ୍ରଲୋକଙ୍କ ସହାୟତାରେ ଦୁଇ ଜଣ ବିଦ୍ୟାର୍ଥୀଙ୍କୁ ଘରୋଇ ଟିଉସନ କରିବା କାର୍ଯ୍ୟ ସହିତ ସେୟାର୍ ବଜାର ସଂପର୍କରେ ବେପାରୀମାନଙ୍କୁ ପରାମର୍ଶ ଦେବା କାମ ମଧ୍ୟ ସେ କରି ଥିଲେ । ଏଥି ସହି ତ ଜଣେ ଅଡିଟର ଭ ।ବରେ କିଛିଦିନ କାର୍ଯ୍ୟ କରି ଥିଲେ । ସେ ନିଜର କାର୍ଯ୍ୟରେ ଏତେ ନିମଗ୍ନ ଥିଲେ ଯେ ସେତେବେଳେ ବମ୍ବେର ଉଚ୍ଚବର୍ଗଙ୍କ ଦ୍ୱାର। ଆୟୋଜିତ ଅସ୍ପୃଶ୍ୟତା ବିରୋଧୀ ସଭାରେ ଯୋଗ ଦେଇପାରି ନ ଥିଲେ ।

ଏହି ସମୟରେ ଡ ର ଆମ୍ବେଦକର ପ୍ରଖ୍ୟାତ ଦାର୍ଶନିକ ବାର୍ଟ୍ରେଣ୍ଡ ବସେଇଙ୍କ ପୁସ୍ତ କ 'ରିକନଷ୍ଟ୍ରକ୍ସନ୍ ଅଫ୍ ସୋସାଇଟି' (ସମାଜର ପୁନର୍ଗଠନ)ର ଏକ ସମାଲୋଚନାମୂଳକ ସମୀକ୍ଷା ପ୍ରକାଶ କରି ବୁଦ୍ଧିଜୀବୀମାନଙ୍କ ର ଦୃଷ୍ଟି ଆକର୍ଷଣ କରି ପାରିଥିଲେ । ତାଙ୍କ ର ନିବନ୍ଧ 'କାଷ୍ଟ ଇନ୍ ଇଣ୍ଡି ଆ' (ଭ ।ର ତରେ ଜାତି) ପୁନଃମୁଦ୍ରିତ ହେ ।ଇ ଜନାଦୃତ ହେ ଲ । ଏବଂ 'ଦି ଆମେରି କାନ ଜର୍ଣ୍ଣ ।ଲ ଅଫ୍ ସୋସିଓଲୋଜୀ' ରେ ପ୍ରକାଶିତ ହେବା ସହି ତ ସେହି ବର୍ଷର ଶ୍ରେଷ୍ଠ ସାହିତ୍ୟିକ କୃତି ଭାବରେ ସ୍ୱୀକୃତି ଲ ।ଭ କରି ଥିଲ । । ଆଉ ଏକ ପ୍ରବନ୍ଧ 'ସ୍ମଲ୍ ହୋଲ୍ଡିଂସ ଇନ୍ ଇଣ୍ଡି ଆ ଆଣ୍ଡ୍ ଦେୟ ।ର ରେମେଡିଜ୍' (ଭାରତରେ ଚାଷଜମିର କ୍ଷୁଦ୍ରତା ଓ ଏହାର ପ୍ରତିକାର) ମଧ୍ୟ ପ୍ରକାଶ ପାଇବାରୁ ଡ ର ଆମ୍ବେଦକରଙ୍କ ଖ୍ୟାତି ସର୍ବତ୍ର ବ୍ୟାପିଯାଇଥିଲା ।



Pati's ICSE ACADEMY

ବମ୍ବେର ସିଡେନହମ କଲେଜରେ ଜଣେ ଅଧ୍ୟାପକ ପଦ ପାଇଁ ଆମ୍ବେଦକର ଡିସେମ୍ବର ୧୯୧୭ ରେ ପ୍ରାର୍ଥୀ ହୋଇଥିଲେ । ସେଥିପାଇଁ ଏଗାର ଜଣ ପ୍ରାର୍ଥୀ ଥିଲେ ମଧ୍ୟ ସବୁଦିଗକୁ ବିଚାରକୁ ନେଇ ମନୋନୟନ କମିଟି ଆମ୍ବେଦକରଙ୍କୁ ଅଧ୍ୟାପକ ଭାବରେ ନିଯୁକ୍ତି ଦେବାକୁ ସ୍ଥିର କରିଥିଲେ । ନଭେମ୍ବର ୧୯୧୮ରେ ସେ ରାଜନୀତି ବିଜ୍ଞାନର ଅଧ୍ୟାପକ ପଦରେ ଯୋଗ ଦେଇଥିଲେ । ପ୍ରଥମେ ଛାତ୍ରମାନେ ତାଙ୍କ ଜାତି ପରିଚୟ ପାଇ କ୍ଲାସରେ ଯୋଗ ଦେଉ ନ ଥିଲେ । କିନ୍ତୁ ଅଧ୍ୟାପକ ଭାବରେ ତାଙ୍କର ଶିକ୍ଷାଦାନ ଶୈଳୀ ଓ ଜ୍ଞାନର ଗଭୀରତା ଉପଲବ୍ଧି କରି ବହୁ ସଂଖ୍ୟାରେ ସେମାନେ ଶ୍ରେଣୀରେ ଯୋଗ ଦେବା ଉତ୍ସାହଜନକ ଥିଲା । ଅତି ଅଳ୍ପ ଦିନରେ ସେ ଛାତ୍ରମହଲରେ ଶୃଙ୍ଖଳା ଜ୍ଞାନ ଓ ଅଧ୍ୟାପନା ଶୈଳୀ ପାଇଁ ସୁପରିଚିତ ହୋଇଥିଲେ । ସେ ଜଣେ ନିରପେକ୍ଷ ଓ ସ୍ନେହୀ ଅଧ୍ୟାପକ ଥିଲେ । ଛାତ୍ରମାନଙ୍କୁ ତଉଲିବାରେ ସେ ଅନେକ ଦିଗରୁ ବିଚାରକରି ଉଚିତ ମୂଲ୍ୟାୟନ କରୁଥିଲେ । ତାଙ୍କୁ ମାତ୍ର ୪୫୦ ଟଙ୍କା ମାସିକ ବେତନ ମିଳୁଥିଲା । ତହିଁରୁ ଘରଖର୍ଚ୍ଚପାଇଁ ପତ୍ନୀ ରମାବାଈଙ୍କୁ କିଛି ଦେଇ ବାକିତକ ସେ ଲଣ୍ଡନ ଯିବାପାଇଁ ସଂଚୟ କରୁଥିଲେ । ରମାବାଈ କେବେ କୌଣସି ଆପତ୍ତି କରୁ ନ ଥିଲେ । ଜୀବନରେ ନାନା ଦୁଃଖକଷ୍ଟ ସହି, ପୁତ୍ର ଯଶୱନ୍ତଙ୍କ ରୋଗାକ୍ରାନ୍ତ ଅବସ୍ଥା ସତ୍ତ୍ୱେ ସେ ସ୍ୱାମୀଙ୍କ ଅଧ୍ୟୟନରେ ସହଯୋଗ କରୁଥିଲେ ।

(i) ଆମ୍ବେଦକର କେବେ ବମ୍ବେ ଫେରିଆସିଥିଲେ ଓ ସେ କେଉଁ ସଭାରେ ଯୋଗ ଦେଇପାରି ନ ଥିଲେ ? [2]

(ii) ଆମ୍ବେଦକରଙ୍କ ଦ୍ୱାରା ଲିଖିତ କେଉଁ ପ୍ରବନ୍ଧ ପ୍ରକାଶ ପାଇବା ପରେ ତାଙ୍କର ଖ୍ୟାତି ସର୍ବତ୍ର ବ୍ୟାପିଯାଇଥିଲା ? [2]

(iii) ସେ ବମ୍ବେର କେଉଁ କଲେଜରେ କେଉଁ ବିଷୟର ଅଧ୍ୟାପକ ପଦରେ ଯୋଗ ଦେଇଥିଲେ ? [2]

(iv) ପ୍ରଥମେ ଛାତ୍ରମାନେ ତାଙ୍କ କ୍ଲାସରେ ଯୋଗ ଦେଉ ନ ଥିଲେ କାହିଁକି? ପରେ ସେମାନେ କାହିଁକି ବହୁସଂଖ୍ୟାରେ ଯୋଗଦେଲେ ? [2]

(v) ଆମ୍ବେଦକରଙ୍କ ମାସିକ ବେତନ କେତେ ଥିଲା ଏବଂ ସେ କାହିଁକି ଟଙ୍କା ସଂଚୟ କରୁଥିଲେ ? [2]

**Question 4**

Answer the following according to the instructions given below :□ [8]

ନିର୍ଦ୍ଦେଶ ଅନୁସାରେ ପ୍ରଦତ୍ତ ପ୍ରଶ୍ନ ଗୁଡ଼ିକର ସଠିକ୍ ଉତ୍ତର ବାଛି କରି ଲେଖ :□

(i) ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ: "ନିଶାମୁଖ"

(a) ସଞ୍ଜ , ସକାଳ

(b) ନିଶା, ସଞ୍ଜ

(c) ସଞ୍ଜ, କ୍ଷମା

(d) ସଞ୍ଜ, ସନ୍ଧ୍ୟା

(ii) ବିପରୀତାର୍ଥ ଶବ୍ଦ ଲେଖ:- "ବାଚାଳ"

(a) ବଧିର

(b) ଚଞ୍ଚଳ ।

(c) ମୂକ ।

(d) ନିର୍ବାକ୍ ।

(iii) ଅର୍ଥ ବୁଝାଇ ଦିଅ:-

"ଯେ ଦେଶେ ଯାଇ ସେ ଫଳ ଖାଇ"

(a) ଯେଉଁ ଦେଶରେ ଯାହାମିଳିଲା ସେ ଫଳ ଖାଅ ।

(b) ପରିସ୍ଥିତି ସହିତ ଖାପ ଖୁଆଇ ଚଳିବା ।

(c) ଭଲ ମନ୍ଦ ବୁଝି ନ ପାରିବା ।

(d) ସାବଧାନ ହୋଇ କାମ କରିବା ।

(iv) ଏକ ପଦରେ ପ୍ରକାଶ କର:- ତିନି ମୁହାଣ ର ସମାହାର

(a) ତିନିପୁର

(b) ତ୍ରିଛକି ।

(c) ତିନିମୁହ ।ଣ ।

(d) ତିନିମୁହାଣୀ ।



Pati's ICSE ACADEMY

(v) ଭ୍ରମ ସଂଶୋଧନ କର:-

ନିର୍ଜୋନ

(a) ନୀର୍ଜନ

(b) ନିର୍ଜନ

(c) ନିର୍ଜୋନ

(d) ନିଃଜନ

(vi) ଅର୍ଥଗତ ପାର୍ଥକ୍ୟ ଦର୍ଶାଅ:-

ତରଣି - ତରଣୀ

(a) ଚନ୍ଦ୍ର - ଡଙ୍ଗା

(b) ଚାଙ୍ଗା - ଡଙ୍ଗା

(c) ଡଙ୍ଗା - ନଦୀ

(d) ସୂର୍ଯ୍ୟ - ନୌକା

(vii) ନିମ୍ନରେ ଦିଆଯାଇଥିବା ଶବ୍ଦର ଦୁଇଟି ଭିନ୍ନ ଅର୍ଥ ଲେଖ - "ଯୋଗ "

(a) ଧ୍ୟାନ - ମିଳନ

(b) ରଙ୍ଗ - ସୁଗନ୍ଧ

(c) ନଗର - ଆତଙ୍କ

(d) ଉର୍ବର - ସୌନ୍ଦର୍ଯ୍ୟ ।

(viii) ଶୁଦ୍ଧ ବାକ୍ୟଟିକୁ ବାଛ:-

(a) ଶରତ ଦେଖାଯାଏ ଆକାଶ ନିର୍ମଳ ଋତୁରେ ।

(b) ଋତୁରେ ନିର୍ମଳ ଶରତ ଆକାଶ ଦେଖାଯାଏ ।

(c) ଶରତ ଋତୁରେ ଆକାଶ ନିର୍ମଳ ଦେଖାଯାଏ ।

(d) ଦେଖାଯାଏ ନିର୍ମଳ ଆକାଶ ଶରତ ଋତୁରେ ।



Pati's ICSE ACADEMY

## SECTION B (40 Marks)

*Questions from only **two** of the following textbooks are to be answered.*

*Attempt any **four** questions from this Section.*

*You must answer at least **one** question from each of the **two** books, you have studied and any **two** other questions from the same books that you have chosen.*

### GYANANJALI SHORT STORIES

### ଜ୍ଞାନାଞ୍ଜଳି - କ୍ଷୁଦ୍ରଗଳ୍ପ ବିଭାଗ

**Question 5**

Read the extract given below and answer in **Odia** the questions that follow :

(ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଓଡ଼ିଆରେ ଲେଖ।) :

ସେତିକି ସମୟ ଦୁର୍ଲଭ ବାପାଟି ସହ ଖେଳିବାରେ କେତେ ମଜା ଥାଏ । ବାପା ଭଳି ଚମତ୍କାର ବନ୍ଧୁ ସେ ଜ୍ଞାନ ହେବା ଦିନରୁ ପାଇ ନ ଥିଲା ।

**Krupan - Manoj Das**

**କୃପାଣ- ମନୋଜ ଦାସ**

(i) ପଲ୍‌ଟୁ କିଏ? ତା ବିଷୟରେ ସଂକ୍ଷେପରେ ଲେଖ । [2]

(ii) ବାପା ପଲ୍‌ଟୁ ପାଖରେ ଦୁର୍ଲଭ ଥିଲେ ବୋଲି କାହିଁକି କୁହାଯାଇଛି? [2]

(iii) ବାପା ପଲ୍‌ଟୁର ଚମତ୍କାର ବନ୍ଧୁ ଥିଲେ କିପରି? [3]

(iv) ସୁକୁମାର ପଲ୍‌ଟୁ ଉଠିବା ପୂର୍ବରୁ ମହାନଗରୀ କୁ ଫେରିଗଲା କାହିଁକି? [3]

**Question 6**

Read the extract given below and answer in **Odia** the questions that follow :

(ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଓଡ଼ିଆରେ ଲେଖ ।):

ମନୀଷା, ମନୀକୁ ତିନି ବର୍ଷ ହେଲାଣି । ମଞ୍ଜୁ ଫେରି ଆସୁଛି । ସାଙ୍ଗରେ ମନୀଷା । ନରେନ୍ଦ୍ର ଆଖି ଦୁଇଟି ଭଲ କରି ମଳି ଲଣ୍ଡନ ଟା ତେଜି ଦେଇ ପଢ଼ିଲା.. ମଞ୍ଜୁ ଶେଷରେ ଲେଖିଛି

**Nayanpur Express - Surendra Mohanty**

**ନୟନପୁର ଏକ୍ସପ୍ରେସ୍ - ସୁରେନ୍ଦ୍ର ମହାନ୍ତି**

(i) ମଞ୍ଜୁ କିଏ ? ମନୀଷା ସହିତ ତା'ର କି ସଂପର୍କ ଥିଲା ? [2]

(ii) ମଞ୍ଜୁ କୁଆଡ଼େ ଚାଲିଯାଇଥିଲା? କାହିଁକି? [2]

(iii) ମଞ୍ଜୁ ତା'ର ଆସିବାର ଖବର କାହାକୁ ଓ କିପରି ଦେଇଥିଲା? କିଏ ପାଗଳଙ୍କପରି କ୍ୟାଲେଣ୍ଡର ପାଖକୁ ଧାଇଁଗଲା ? କାହିଁକି ? [3]

(iv) ନରେନ୍ଦ୍ରର ମାନସିକ ଅବସ୍ଥା ସେତେବେଳେ କିପରି ଥିଲା- ଆଲୋଚନା କର । [3]



ICSE ACADEMY

## Question 7

Read the extract given below and answer in **Odia** the questions that follow :
(ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର ଓଡ଼ିଆରେ ଲେଖ)

କାଗଜ ଉପରେ ସନାତନ ଓ ମଧୁମିତାଙ୍କ ଚାରେଟି ଆଖି ଆନନ୍ଦ ଓ ଉଦ୍‌ବେଗରେ ସ୍ଥିର ହୋଇ ରହି ଯାଇଥିଲ। ।ତ ସେପରି ଜୀବନରେ ଏଇ ପ୍ରଥମଥର ଏ କାଗଜଟା ଦେଖି ସେ ଜାଣୁଛନ୍ତି, ନାରଣ ଦାସ ପ୍ରକୃତରେ ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ ।

**Samantara Saralarekha - Bibhuti Pattnaik**
**ସମାନ୍ତର ସରଳରେଖା- ବିଭୂତି ପଟ୍ଟନାୟକ**

(i) ମଧୁମିତା କିଏ? ସେ କାହାଠାରୁ ଚିଠି ପାଇଥିଲା? [2]
(ii) ଚିଠିରେ କ'ଣ ଲେଖାଥିଲା? [2]
(iii) ନାରଣ ଦାସ ଛାତିରେ ଯନ୍ତ୍ରଣା ଅନୁଭବ କଲେ କାହିଁକି? [3]
(iv) ବୋହୂ ପ୍ରତି ନାରଣ ଦାସଙ୍କର ଶେଷ କଥା କ'ଣ ଥିଲା? [3]

### GYANANJALI POEMS
### ଜ୍ଞାନାଞ୍ଜଳି - କବିତା

## Question 8

Read the extract given below and answer in **Odia** the questions that follow :
(ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର ଓଡ଼ିଆରେ ଲେଖ) :

ସମ୍ଭାଳ ଟିକିଏ ସିପାହୀ    ଚାବି ନ ଦିଅ ଦ୍ୱାରେ
ପ୍ରଣୟ ପ୍ରଭାବ ଦେଖିବି    କ୍ଷଣେ ରହି ବାହାରେ ।

**Bandi ra Biraha Byatha - Utkalmani Gopabandhu Das**
**ବନ୍ଦୀର ବିରହ ବ୍ୟଥା - ଉତ୍କଳମଣି ଗୋପବନ୍ଧୁ ଦାସ**

(i) ଉକ୍ତ ପଦଟି କେଉଁ କବିତାରୁ ଗୃହୀତ? ଏହାର କବି କେଉଁଠାରେ ଏହି କବିତାଟି ଲେଖିଥିଲେ? ତାଙ୍କର ବନ୍ଦୀ ହେବାର କାରଣ କ'ଣ? [2]
(ii) ଉକ୍ତ କବିତାରେ କେଉଁ ମାନଙ୍କୁ ପ୍ରିୟଜନ ବୋଲି କୁହାଯାଇଛି? କାହିଁକି? [2]
(iii) ସିପାହୀଙ୍କୁ କିଏ କେଉଁଠି କାହିଁକି ଚାବି ନ ଦେବା ପାଇଁ କହୁଥିଲେ? ଏହାଦ୍ୱାରା କ'ଣ ଲାଭ ହୋଇଥାନ୍ତା [3]
(iv) କବି କାହାକୁ ଯମଦୂତ ବୋଲି କହିଛନ୍ତି? କାହିଁକି? [3]

Pati's
ICSE ACADEMY

**Question 9**

Read the extract given below and answer in **Odia** the questions that follow :

(ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର ଓଡ଼ିଆରେ ଲେଖ) :

କେଉଁ ଦେବତାର   କ୍ଷଣିକ ଆଶିଷ
ଶୁଭ୍ର ପାଖୁଡ଼ା ଧରି
ସୁନ୍ଦର ଏଇ   ଶରତ ସକାଳେ
ଭୂତଳେ ପଡ଼ିଲୁ ଝରି?

**Khadyotika - Bidyut Prava Devi**

**ଖଦ୍ୟୋତିକା - ବିଦ୍ୟୁତପ୍ରଭା ଦେବୀ**

(i) ଏହି ପଦରେ କେଉଁ ଫୁଲ ଓ କେଉଁ ଋତୁ ବର୍ଣ୍ଣିତ ହୋଇଛି? [2]

(ii) "କ୍ଷଣିକ ଆଶିଷ"- କହିଲେ କ'ଣ ବୁଝ? [2]

(iii) ଏହି ଫୁଲଟି କବିଙ୍କ ମନକୁ ଏତେ ବ୍ୟଥା ଦେଉଛି କାହିଁକି? [3]

(iv) କବିତାର ନାମକରଣର ଯଥାର୍ଥତା ବୁଝାଅ । [3]

**Question 10**

Read the extract given below and answer in **Odia** the questions that follow :

(ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର ଓଡ଼ିଆରେ ଲେଖ) :

ସେଇ ପଥେ ଫେରେ ଗ୍ରାମବଧୂ
ସାରି ସକାଳ ସ୍ନାହାନ ଏକା
ଧୂଳିରେ ଆଙ୍କି ସଜଳ ଚରଣ ରେଖା
ମାଆ ବୋଲି ଥରେ ଡାକିବାକୁ ପ୍ରାଣ ଲୋଡ଼େ
ପୃଥିବୀର ସମ ସହନଶୀଳା ସେ ଅସୀମ କରୁଣାବତୀ
ନୟନେ ଶତେକ ଯୁଗର ବେଦନା ଲେଖା ।

**Gramapatha - Binod Chandra Nayak**

**ଗ୍ରାମପଥ- ବିନୋଦ ଚନ୍ଦ୍ର ନାୟକ**

(i) କାହାର ଚରଣ ରେଖା ଗ୍ରାମପଥର ଧୂଳିରେ ଆଙ୍କି ହୋଇଯାଏ ଏବଂ କେତେବେଳେ? [2]

(ii) କାହାକୁ କବି ମାଆବୋଲି ଡାକିବାକୁ ଚାହିଁଛନ୍ତି? କାହିଁକି? [2]

(iii) କାହାକୁ ଆଧାରଲୋଭୀ ବୋଲି କୁହାଯାଇଛି? ଏପରି କହିବାର କାରଣ କ'ଣ? [3]

(iv) କବି ଗ୍ରାମପଥକୁ କାହିଁକି ବନ୍ଦନା କରିଛନ୍ତି? [3]



Pati's
ICSE ACADEMY

**ADOORA SAKALA □ NOVEL □ (Prashant Mohanty)**

**ଅଦୂର ସକାଳ - ଉପନ୍ୟାସ - (ପ୍ରଶାନ୍ତ ମହାନ୍ତି)**

**Question 11**

Read the extract given below and answer in **Odia** the questions that follow :□

(ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର ଓଡ଼ିଆରେ ଲେଖ) :□

କ୍ୟା   ପଡ଼ିଲା ଚାଳିଶ ଜଣ ପିଲାଙ୍କୁ ନେଇ । ସାର ପହଞ୍ଚି ସ୍ୱେଚ୍ଛାସେବୀମାନଙ୍କୁ ବୁଝାଇଦେଲେ ଯୋଜନା ।

(i) ହଲିଡେ କ୍ୟା   କେଉଁ ଗ୍ରାମରେ ପଡ଼ିଥିଲା? ସେହି ଗ୍ରାମର ଲୋକସଂଖ୍ୟା କେତେ ଥିଲା? [2]

(ii) ଏହି କ୍ୟା  ର ମୁଖ୍ୟ କାମ କ'ଣ ଥିଲା? [2]

(iii) କପିଳା ପ୍ରୋଗ୍ରାମ ଅଫିସରଙ୍କୁ କ'ଣ କହିଲା? [3]

(iv) ମାଂସ ଭୋଜି ପାଇଁ ଉଦ୍ଦିଷ୍ଟ ଅର୍ଥକୁ କିପରି ଖର୍ଚ୍ଚ କରାଗଲା? [3]

**Question 12**

Read the extract given below and answer in **Odia** the questions that follow :□

(ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର ଓଡ଼ିଆରେ ଲେଖ) :□

ପ୍ରକାଶ ବସିଥାଏ ତଳକୁ ମୁହଁ ପୋତି । ଭାରି ଶୁଖିଲା, ଅସହାୟ ଓ କାନ୍ଦ କାନ୍ଦ ମନେ ହେଉ ଥିଲା ପ୍ରକାଶର ମୁହଁ ।

(i) ପ୍ରକାଶ କିଏ? ସେ କାହିଁକି ତଳକୁ ମୁହଁ ପୋତି ବସିଥିଲା? [2]

(ii) କପିଳା ପାଖରେ କେତେ ଟଙ୍କା ଥିଲା? ଫର୍ମ ଫିଲ୍ ଅପ ପାଇଁ କେତେ ଟଙ୍କା ଆବଶ୍ୟକ ଥିଲା? [2]

(iii) ଶେଷରେ କପିଳା ପ୍ରକାଶ କୁ ସାହାଯ୍ୟ କଲା କିପରି? [3]

(iv) କପିଳାର ମହାନତାରେ ମୁ□ହୋଇ କିଏ କ'ଣ କହିଥିଲା? [3]

**Question 13**

Read the extract given below and answer in **Odia** the questions that follow :

(ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର ଓଡ଼ିଆରେ ଲେଖ) :

ମୁଖ୍ୟମନ୍ତ୍ରୀଙ୍କ ମୁକ୍ତ କଣ୍ଠର ଏପରି ପ୍ରଶଂସା ଲୋକଙ୍କ ଭିତରେ ଅନେକ ସମ୍ଭାବନା ସୃଷ୍ଟି କରିଥିଲେ ମଧ୍ୟ କିଛି ଲୋକ ଏହାକୁ ଏକ ଆହ୍ୱାନ ରୂପେ ଗ୍ରହଣ କଲେ ।

(i) ମୁଖ୍ୟମନ୍ତ୍ରୀ କପିଳାର ପ୍ରଶଂସା କରି କ'ଣ କହିଲେ? [2]

(ii) ସେ ଦରଦୀ ଅନୁଷ୍ଠାନ ସଂପର୍କରେ କି ବକ୍ତବ୍ୟ ଦେଉଥିଲେ ? [2]

(iii) ଏହି ବକ୍ତବ୍ୟକୁ କିଏ ପରୋକ୍ଷ ସମାଲୋଚନା ବୋଲି ଭାବି ଆତଙ୍କିତ ହେଲେ ? କି ଯୋଜନାମାନ ପ୍ରସ୍ତୁତ କଲେ? [3]

(iv) ରାଜନୀତି ସମୀକ୍ଷକମାନେ ମୁଖ୍ୟମନ୍ତ୍ରୀଙ୍କ ଏପରି ପ୍ରଶଂସା ଉପରେ କି ମତ ବ୍ୟକ୍ତ କରିଥିଲେ? [3]

## EKANKIKA CHAYAN

## ଏକାଙ୍କିକା ଚୟନ

### Question 14

Read the extract given below and answer in **Odia** the questions that follow :

(ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର ଓଡ଼ିଆରେ ଲେଖ) :

ପ୍ରତିମା – ଛୁଆଟାକୁ ଏତେ କଦର୍ଯ୍ୟ ଭାବରେ ବାଡ଼େଇଲ କାହିଁକି? ତା' ଗୋଡ଼ରେ ନୋଳା ଫାଟିଯାଇଛି ।

ସତୀ – ବେଶ୍ ହେଇଚି ।

ପ୍ରତିମା – ବେଶ୍ ହେଇଚି, ତମେ ତାକୁ ଏଇମିତି ମାରି ପାରିଲ?

ସତୀ – ଦେଖିଲ ତ -- ଆଉ ପଚାରୁଚ କଅଣ?

**Petu - Pranabandhu Kar**

**ପେଟୁ- ପ୍ରାଣବନ୍ଧୁ କର**

(i) ସତୀକାନ୍ତ ବାବୁ ଚେମାକୁ ଅତି ନିର୍ଦ୍ଦୟ ଭାବରେ କାହିଁକି ବାଡ଼େଇଥିଲେ? [2]

(ii) "ନିଜର ପୁଅକୁ ଏମିତି ବାଡ଼େଇ ପରି ଥାନ୍ତ "-ଏ ଉକ୍ତି କାହାର ? ସେ କାହାକୁ ଏ କଥା କହିଥିଲେ ଏବଂ କାହିଁକି? [2]

(iii) ଚେମାର ବାପା ପାଖକୁ କିଏ ଚିଠି ଲେଖିଥିଲେ? କାହିଁକି? [3]

(iv) ଚେମା ଘରକୁ ଯିବା ଦିନ କିଏ ଗମ୍ଭୀର ହୋଇ ପଡ଼ିଥିଲେ ଏବଂ କାହିଁକି? [3]

### Question 15

Read the extract given below and answer in **Odia** the questions that follow :

(ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର ଓଡ଼ିଆରେ ଲେଖ) :

ବାଙ୍କି ରାଜା – ତୁମେ ବିଚଳିତ ହୁଅ ନାହିଁ ରାଣୀ । ଚର୍ଚ୍ଚିକାଙ୍କର ଆଶୀର୍ବାଦରେ ଖୋର୍ଦ୍ଧା ବାହିନୀକୁ ଉପଯୁକ୍ତ ଶିକ୍ଷା ଦେଇ ମୁଁ ଅତିଶୀଘ୍ର ଫେରି ଆସିବି । (ସେ ଯିବାକୁ ଉଦ୍ୟତ ହେଉଥିଲେ, ଭିତରକୁ ପଶି ଆସିଲେ ଦୟାନିଧି)

**Rani Shukadei - Manoranjan Das**

**ରାଣୀ ଶୁକଦେଇ – ମନୋରଞ୍ଜନ ଦାସ**

(i) ଯୁଦ୍ଧକୁ ଯିବା ପୂର୍ବରୁ ବାଙ୍କି ରାଜା, ରାଣୀ ଶୁକଦେଇଙ୍କୁ କ'ଣ କହିଥିଲେ ? [2]

(ii) ରାଣୀ କ'ଣ ଦେଇ ବାଙ୍କି ରାଜାଙ୍କୁ ଯୁଦ୍ଧକୁ ବିଦାୟ ଦେଇଥିଲେ ? [2]

(iii) କରୁଣାକର କିଏ ? ସେ ବାଙ୍କିର ଭବିଷ୍ୟତ ଓ ଦୟାନିଧି ଙ୍କର ଭବିଷ୍ୟତ ରକ୍ଷା ପାଇଁ କି ଉପାୟ ସ୍ଥିର କରିଥିଲେ ? [3]

(iv) ଖୋର୍ଦ୍ଧା ଓ ବାଙ୍କି ମଧ୍ୟରେ ହେଇ ଥିବା ଯୁଦ୍ଧର ଶେଷ ପରିଣତି କ'ଣ ହୋଇଥିଲା ? [3]

## Question 16

Read the extract given below and answer in **Odia** the questions that follow :

(ନିମ୍ନଲିଖିତ ଉଦ୍ଧୃତାଂଶଟି ପଢ଼ ଓ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର ଓଡ଼ିଆରେ ଲେଖ) :

ଦେବେନ୍ଦ୍ର – ହଁ ମଉସା – ମୁଁ ଏଇନେ ମହେନ୍ଦ୍ରକୁ ଆପଣଙ୍କ ପାଖକୁ ପଠେଇବି ବୋଲି ଭାବିଥିଲି ।

ଓକିଲ – ଅଥଚ ମୁଁ ଆସି ହାଜର ହୋଇଗଲି । ଦେଖିବ, ତମର ଏଇ ବୁଢ଼ା ଓକିଲ ମଉସା ବେଶିଦିନ ବଞ୍ଚିବ ।

**Aahuti - Kartik Chandra Rath**

**ଆହୁତି – କାର୍ତ୍ତିକ ଚନ୍ଦ୍ର ରଥ**

(i) ଦେବେନ୍ଦ୍ର ମହେନ୍ଦ୍ରକୁ କାହା ପାଖକୁ ପଠେଇବ ବୋଲି ଭାବୁଥିଲା ଓ କାହିଁକି? [2]

(ii) ଓକିଲ ମହାଶୟ କେଉଁମାନଙ୍କୁ ଭାଗ୍ୟବାନ ବୋଲି କହିଥିଲେ? କାରଣ କ'ଣ? [2]

(iii) ଓକିଲ ସେଇ ସମୟରେ କାହିଁକି ଆସିଥିଲେ ? କେଉଁ ରାଜିନାମା ବିଷୟରେ ସେ ଶୁଣିଥିଲେ? [3]

(iv) କିଏ କାହା ନାମରେ କ'ଣ ଉଇଲ୍ କରିଥିଲେ? [3]

ICSE ACADEMY

# Prepare for ICSE CLASS 10
# Odia
# Free Resources

# SCAN QR CODE Now

Pati's

ICSE Academy

Prepare for ICSE CLASS 10
Free Resources

SCAN QR CODE Now

History/Civics

Geography

Maths

Physics

Chemistry

Biology

Hindi

Physical Education

Computer Applications



www.spellbeeacademy.com

ICSE Academy

**Prepare for ICSE CLASS 10**
**Free Resources**

**SCAN QR CODE Now**

| | | |
|---|---|---|
| Economics | Commercial Studies | French |
| Robotics & AI | Home Science | EVS |
| Marathi | Gujarati | Odiya |



**Scan QR code** for Free Access to
500+ Prelim Papers across 20 subjects



























